ଆଜି - ମଙ୍ଗଳବାର
ତାରିଖ - ୦୯ ଜୁନ୍ ୨୦୨୬
ମାସ - ବୃଷ, ଦିନ - ୨୬
ତିଥି - ନବମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୂର୍ବଭାଦ୍ର, ମୀନ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୨୧: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି



"ମହାନ ବ୍ୟକ୍ତିମାନଙ୍କ ପାଇଁ ଧର୍ମ ବନ୍ଧୁତ୍ୱ ସୃଷ୍ଟି କରିବାର ଏକ ମାଧ୍ୟମ; ନୀଚ ଲୋକମାନେ ଧର୍ମକୁ ଏକ ଲଢ଼େଇ କରିବାର ଉପକରଣରେ ପରିଣତ କରିଥାନ୍ତି ।"
- ଡ. ଏପିଜେ ଅବ୍ଦୁଲ୍ କଲାମ୍


E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 56 R.N.I. REGD. No. 44026/86 ବାଲେଶ୍ୱର ୦୯ ଜୁନ୍ ୨୦୨୬ ମଙ୍ଗଳବାର BALASORE 09 JUNE 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୧୨ ବର୍ଷ ମଧ୍ୟରେ ଭାରତ ଅନେକ ପରିବର୍ତ୍ତନ ଦେଖିଛି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଂଟ (ଏନଡିଏ) ସରକାର ଅଧୀନରେ ଗତ ୧୨ ବର୍ଷ ମଧ୍ୟରେ କରାଯାଇଥିବା ବିକାଶ କାର୍ଯ୍ୟ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଏହି ୧୨ ବର୍ଷ ମଧ୍ୟରେ ଭାରତ ଅନେକ ପରିବର୍ତ୍ତନ ଦେଖିଛି ଏବଂ ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ଗରିବ, ବଂଚିତ ଏବଂ ଶେଷ ଧାଡ଼ିରେ ଠିଆ ହୋଇଥିବା ବ୍ୟକ୍ତିଙ୍କ କଲ୍ୟାଣ । ଅନ୍ତ୍ୟୋଦୟର ଭାବନା ଦ୍ୱାରା ପରିଚାଳିତ ହୋଇ, ସରକାର ଏହା ସୁନିଶ୍ଚିତ କରିବାକୁ ପ୍ରୟାସ କରିଥିଲେ ଯେ ବିକାଶର ଲାଭ ସେହିମାନଙ୍କ ନିକଟରେ ପହଂଚୁ, ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି ଏଥିରୁ ବଂଚିତ ଥିଲେ । ସୋମବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକାଧିକ ପୋଷ୍ଟ କରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜନଧନ ଆକାଉଂଟ, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି), ସ୍ୱଚ୍ଛ ଭାରତ ମିଶନ,



ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ ଏବଂ ଆୟୁଷ୍ମାନ ଭାରତ ଭଳି ଯୋଜନାଗୁଡ଼ିକ ଜନସାଧାରଣଙ୍କୁ ସମ୍ମାନଜନକ ଜୀବନ ଏବଂ ଉନ୍ନତ ସୁଯୋଗ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ । ସେ କହିଛନ୍ତି ଯେ ଗରିବଙ୍କ କଲ୍ୟାଣ ଦିଗରେ ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଡିବିଟି ଏବଂ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସରକାରୀ ସହାୟତା ସିଧାସଳଖ ଏବଂ ସ୍ୱଚ୍ଛ ଭାବରେ ହିତାଧିକାରୀଙ୍କ ନିକଟରେ ପହଂଚୁଛି । ଏହା ଲିକ୍ ହ୍ରାସ କରିଛି, ଦକ୍ଷତା ବୃଦ୍ଧି କରିଛି ଏବଂ ଶାସନ ଉପରେ ଲୋକଙ୍କ ବିଶ୍ୱାସକୁ ମଜବୁତ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗରିବ କଲ୍ୟାଣଙ୍କ ଏହି ଯାତ୍ରା ଏବେ ମାନବ ସଶକ୍ତିକରଣର ଏକ ବିଶାଳ ଅଭିଯାନରେ ପରିଣତ ହୋଇଛି, ଯାହା ଏକ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ଦିଗରେ ଅଗ୍ରସର ହେଉଛି । ଦୀର୍ଘ ସମୟ ଧରି ବିକାଶର ମୁଖ୍ୟ ସ୍ରୋତରୁ ଦୂରରେ ଥିବା ଲୋକଙ୍କୁ ସମାନ ସୁଯୋଗ ଏବଂ ସୁବିଧା ଯୋଗାଇବା ପାଇଁ ସରକାରଙ୍କ ନିରନ୍ତର ପ୍ରୟାସ ରହିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନକଲ କଲ୍ୟାଣକାରୀ ଯୋଜନା କୋଟି କୋଟି ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ କାର୍ଯ୍ୟ କରିଛି ଏବଂ ଏହି ପ୍ରୟାସ ଏକ ବିକଶିତ ଭାରତ ଗଠନ ପାଇଁ ଏକ ଦୃଢ଼ ମୂଳଦୁଆ ପାଲଟିଛି ।

## ମୟୂରଭଞ୍ଜରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୟୂରଭଞ୍ଜ ଏବଂ ସମଗ୍ର ଉତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ବାରିପଦା ଗସ୍ତରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଏହି ଅବସରରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି । ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଂଚଳରେ ବ୍ୟାପକ ସୁଧାର ଆସିବ, ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି । ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯



କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି । ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି, ଯାହା ଦ୍ୱାରା ଏହି ସବୁ ଅଂଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ । ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାବାସୀଙ୍କୁ ସମସ୍ତ ମୌଳିକ ସେବା ଯୋଗାଇଦେବାରେ ସହାୟକ ହେବ । ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ବିଲ୍ ?ଡିଂର ଲୋକାର୍ପଣ । ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଂଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତିଭୂମି ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ । ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତିଭୂମି ସହିତ ଏହି ହସ୍ପିଟାଲ ଅଂଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ନୂତନ ଟିଚିଙ୍ଗ୍ ହସ୍ପିଟାଲ କେବଳ ମୟୂରଭଞ୍ଜର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ ନାହିଁ, ବରଂ ପଡ଼ୋଶୀ ଜିଲ୍ଲା, ପଡ଼ୋଶୀ ରାଜ୍ୟ ଏବଂ ଆଖପାଖର ଜନଜାତି ଅଂଚଳର ରୋଗୀମାନଙ୍କୁ ମଧ୍ୟ ବହୁଳ ଭାବେ ଉପକୃତ କରିବ । ବୃଦ୍ଧି ପାଇଥିବା ଶଯ୍ୟା ସଂଖ୍ୟା, ବିଶେଷଜ୍ଞ ଚିକିତ୍ସା ସୁବିଧା ଏବଂ ଅତ୍ୟାଧୁନିକ ଭିତିଭୂମି ଯୋଗୁ ଏହା ଉତର ଓଡ଼ିଶାର ଏକ ପ୍ରମୁଖ ରେଫରାଲ୍ ସେଂଟର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଯେଉଁ ଉନ୍ନ ?ତ ଚିକିତ୍ସା ସେବା ପାଇଁ ପୂର୍ବରୁ ଲୋକମାନଙ୍କୁ ଦୂର ସହରକୁ ଯିବାକୁ ପଡୁଥିଲା, ସେହି ସେବା ଏବେ ଘର ନିକଟରେ ଉପଲବ୍ଧ ହେବ, ଯାହାଦ୍ୱାରା ରୋଗୀଙ୍କ ପରିବାରର ଆର୍ଥିକ ଓ ଶାରିରୀକ କଷ୍ଟ ଦୂର ହେବା ସହିତ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ । ମୟୂରଭଞ୍ଜ ଜିଲ୍ଲାରେ ବହୁ ସଂଖ୍ୟାରେ ଜନଜାତି ଭାଇ ଭଉଣୀ ବାସ କରୁଥିବାରୁ କମ୍ୟୁନିଟି ହେଲ୍‌ଥ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ଗବେଷଣା ଏବଂ ଜନଜାତି ବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି ମେଡିକାଲ କଲେଜ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଲେ ।

## ଅଳ୍ପରେ ଖବର

» ବ୍ରାହ୍ମଣୀ ନଦୀରେ ଅଘଟଣ । ବ୍ରାହ୍ମଣୀ ନଦୀରେ ଗାଧେଇବା ବେଳେ ଭାସିଗଲେ ତିନି ଜଣ ସାଙ୍ଗ । ସେମାନଙ୍କ ମଧ୍ୟରୁ ଜଣଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଆଉ ୨ ଜଣଙ୍କୁ ଅଗ୍ନିଶମ କର୍ମଚାରୀ ଖୋଜୁଥିବା ସୂଚନା ରହିଛି ।

» ବିଶାଖାପାଟଣାର ଏକ ଷ୍ଟିଲ୍ ପ୍ଲାଂଟରେ ଘଟିଛି ବଡ଼ ଧରଣର ଅଘଟଣ । ଉଚ୍ଚ-ତାପମାନ ତରଳା ଇସ୍ପାତରେ ଭର୍ତି ଏକ ଲାଡେଲ ଫାଟି ଯିବାରୁ ଏହି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି ।

» ଲିଙ୍କ୍ ଟ୍ରେନ୍ ବିଳମ୍ବ ହେତୁ, ଟ୍ରେନ୍ ନମ୍ବର ୧୨୨୭୮ ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ ୯ ଜୁଲାଇରେ ବାତିଲ ରହିବ । ସେହିପରି, ଟ୍ରେନ୍ ନମ୍ବର ୧୨୨୭୭ ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ ମଧ୍ୟ ୯ ଜୁଲାଇରେ ବାତିଲ ରହିବ ।

» ରାଜ୍ୟରେ ଚାଲିଥିବା ସ୍ପେଶାଲ ଇଂଟେନସିଭ୍ ରିଭିଜନ (ଏସ ଆଇ ଆର) ବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏକ ପ୍ରଶଂସନୀୟ ମାଇଲଖୁଂଟ ହାସଲ କରିଛି ।

## ଗରିବ କଲ୍ୟାଣ ମୋଦୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା : ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ଗରିବଙ୍କ କଲ୍ୟାଣ ହେଉଛି ମୋଦୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ସେ ଉଲ୍ଲେଖ କରିଛନ୍ତି ଯେ 'ଗରିବ କଲ୍ୟାଣ' ର ୧୨ ବର୍ଷରେ, ସରକାର ଖାଦ୍ୟଶସ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ଜନ-ଧନ, ମୁଦ୍ରା ଋଣ ଭଳି କଲ୍ୟାଣକାରୀ ଯୋଜନା ମାଧ୍ୟମରେ କୋଟି କୋଟି ନାଗରିକଙ୍କୁ ବ୍ୟାଙ୍କ ସେବା, ଆର୍ଥିକ ସୁରକ୍ଷା ଏବଂ ଆତ୍ମନିଯୁକ୍ତି ସୁଯୋଗ ସହିତ ଯୋଡ଼ିଛନ୍ତି । 'ଏକ୍ସ'ରେ ଏକ ପୋଷ୍ଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ଲେଖିଛନ୍ତି, 'ଗରିବ କଲ୍ୟାଣ ହେଉଛି ମୋଦୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । 'ଗରିବ କଲ୍ୟାଣ' ର ୧୨ ବର୍ଷରେ ସରକାର ଅନ୍ନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ଜନ-ଧନ, ମୁଦ୍ରା ଋଣ ଏବଂ ପ୍ରଧାନମନ୍ତ୍ରୀ ସ୍ୱନିଧି ଭଳି କଲ୍ୟାଣକାରୀ ଯୋଜନା ମାଧ୍ୟମରେ କୋଟି କୋଟି ନାଗରିକଙ୍କୁ ବ୍ୟାଙ୍କ ସେବା, ଆର୍ଥିକ ସୁରକ୍ଷା ଏବଂ ଆତ୍ମନିଯୁକ୍ତି ସୁଯୋଗ ସହିତ ଯୋଡ଼ିଛନ୍ତି । ଦେଶର ଗରିବମାନଙ୍କୁ ମୌଳିକ ସୁବିଧା, ସାମାଜିକ ସୁରକ୍ଷା ଏବଂ ଉନ୍ନତ ଜୀବନଧାରଣ ମାନ ମାଧ୍ୟମରେ ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ କରି ' ବିକଶିତ ଭାରତ ପାଇଁ ଏକ ଦୃଢ଼ ମୂଳଦୁଆ ନିର୍ମାଣ କରାଯାଉଛି ।

## ଭତା ବଂଟନ ସମସ୍ୟା ଖୁବଶୀଘ୍ର ସମାଧାନ ହେବ: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



ଭୁବନେଶ୍ୱର: ଭତା ପାଇବାରେ ବିଳମ୍ବ ଓ ବିଭିନ୍ନ ପ୍ରକାର ଟେକ୍ନିକାଲ ସମସ୍ୟାକୁ ନେଇ ରାଜ୍ୟର ହଜାର ହଜାର ହିତାଧିକାରୀ ଚିନ୍ତାରେ ଥିବାବେଳେ ଏହା ଭିତରେ ବଡ଼ ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏକ ସପ୍ତାହ ଭିତରେ ଭତା ସମସ୍ୟାର ସମାଧାନ ହେବ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ବରଂ ଦେଶର ଅନେକ ରାଜ୍ୟ ଏହି ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବର୍ତମାନ ଭତା ବ୍ୟବସ୍ଥା ସହ ଜଡିତ ସଫ୍ଟୱେରରେ ଆବଶ୍ୟକ ପରିବର୍ତ୍ତନ ଓ ଉନ୍ନତିକରଣ କାମ ଚାଲିଛି । ଏହି ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ ଥିବା ବେଳେ ଆସନ୍ତା ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ, ସଫ୍ଟୱେର ତ୍ରୁଟି ଯୋଗୁଁ ଯେଉଁ ହିତାଧିକାରୀଙ୍କ ଭତା ବକେୟା ରହିଯାଇଛି, ସମସ୍ୟା ସମାଧାନ ପରେ ସେମାନଙ୍କୁ ସମସ୍ତ ବକେୟା ଟଙ୍କା ଏକକାଳୀନ ଭାବେ ପ୍ରଦାନ କରାଯିବ ।

## ପ୍ରକାଶ ପାଇଲା ଓଜେଇଇ -୨୦୨୬ ପରୀକ୍ଷା ଫଳ

ଭୁବନେଶ୍ୱର : ଓଡିଶା ମିଳିତ ପ୍ରବେଶିକା ପରୀକ୍ଷା (OJEE-୨୦୨୬) ର ଫଳାଫଳ ପ୍ରକାଶ ପାଇଛି । ଓଡିଶା ସରକାରଙ୍କ ଶିକ୍ଷ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ପରୀକ୍ଷା ଫଳ ଘୋଷଣା କରିଛନ୍ତି । ଏହାସହ ଫଳାଫଳ ପୁସ୍ତିକାର ଉନ୍ମୋଚନ କରିଛନ୍ତି । ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରଚଳିତ ୧୬ଟି ବୈଷୟିକ ଏବଂ ବୃତିଗତ ପାଠ୍ୟକ୍ରମ ଯଥା B.CAT, LE-Tech. (Dip), LE-Tech. (B.Sc.), B. Pharm., MBA, MCA, Int. MBA, LE-Pharm., M.Pharm, M. Arch, M. Plan, M. Tech., Basic B.Sc Nursing, Post Basic B.Sc Nursing, M.Sc Nursing ଏବଂ Post Diploma Nursing ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ପ୍ରବେଶିକା ପରୀକ୍ଷା କରଯାଇଥିଲା । ଚଳିତ




ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ସହିତ ରାଜ୍ୟ ବାହାରେ ୩ଟି ସହର ଯଥା କଲିକତା, ପାଟଣା ଏବଂ ରାଂଚିରେ, ସର୍ବମୋଟ ୯୯ ଟି ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ଶୁଭ୍ରାଂଶୁ ସୁତାର (B. Pharm), ଅରୁଣ କୁମାର ଜେନା (LE-Tech. (Dip), ସୁରଜ କୁମାର ଝା (LE-Tech. (B.Sc.), ଦେବାଶିଷ ବେହେରା (LE-Pharma), ତ୍ରିବିକ୍ରମ ପ୍ରଧାନ (MBA), ନରେନ ପାତ୍ର (MCA / M.Sc. (Comp. Sc.), ଶ୍ରୀମୟୀ ପାଣିଗ୍ରାହୀ (INT. MBA), ଦେବ ମଣ୍ଡଳ (B. CAT- ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ରେକର୍ଡିଂ ଆଣ୍ଡ ସାଉଣ୍ଡ ଡିଜାଇନ୍/ ଫିଲ୍ମ ଏଡିଟିଂ), ଶ୍ୟାମସୁନ୍ଦର ବେହେରା (M. PHARM), ସାଇ ଆର୍ଯ୍ୟା ଅନୁଷ୍କା ନାୟକ (M. ARCH), ସାଗରିକା ଆଚାର୍ଯ୍ୟ(ଗ. ଚଖଇଘ)ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ସେହିପରି M.Tech. ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି ସ୍ୱାଗତ କୁମାର ବେହୁରା ଏବର୍ଷ ମୋଟ୍ ୧,୦୩,୪୩୪ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବା ବେଳେ ୯୨,୬୨୮ ପରୀକ୍ଷାର୍ଥୀ (୮୯.୫୫%) ପରୀକ୍ଷାରେ ଭାଗ ନେଇଥିଲେ । ନର୍ସିଙ୍ଗ ପାଠ୍ୟକ୍ରମ ବ୍ୟତୀତ, ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୬୨,୬୯୧ପରୀକ୍ଷାର୍ଥୀଙ୍କୁ ନିଜ ନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କ ଅନୁରୂପ ପାଠ୍ୟକ୍ରମରେ ସ୍ଥାନ ଦିଆଯାଇଛି । ପରୀକ୍ଷାର୍ଥୀମାନେ OJEE website (www.ojee.nic.in) ରୁ ନିଜ ନିଜର Rank Card ପାଇପାରିବେ ।

### ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଜେଇଇ ପରୀକ୍ଷାରେ ସଫଳତା ହାସଲ କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ ମିଡିଆ ସାଇଡ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି - ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)ରେ ସଫଳତା ହାସଲ କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ । ଆପଣଙ୍କର ଏହି କୃତିତ୍ୱ ଆପଣଙ୍କ ଦୀର୍ଘଦିନର ନିଷ୍ଠା, ଏକାଗ୍ରତା ଓ କଠିନ ପରିଶ୍ରମର ପ୍ରକୃତ ପରିଚୟ । ଆପଣଙ୍କ ପରିବାର ଓ ଶିକ୍ଷକଙ୍କ ପାଇଁ ଏହା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ।

## ଉପ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଶା ଜୀବିକା ମିଶନ ଓ ଆଇ.ଆଇ.ଟି ଭୁବନେଶ୍ୱର ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର : ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ଉନ୍ନତ ବ୍ୟବସାୟିକ ପରାମର୍ଶ, ପ୍ରାଯୁକ୍ତିକ ସହାୟତା ଏବଂ ବଜାର ସଂଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଜୀବିକା ମିଶନ ଏବଂ ଆଇ.ଆଇ.ଟି ଭୁବନେଶ୍ୱର ମଧ୍ୟରେ ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ବୁଝାମଣାପତ୍ର ବିନିମୟ କରାଯାଇଛି । ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଷ୍ଟାର୍ଟ-ଅପ୍ ଭିଲେଜ୍ ଏଂଟରପ୍ରେନ୍ୟୁରଶିପ୍ ପ୍ରୋଗ୍ରାମ ମାଧ୍ୟମରେ ଓଡ଼ିଶାର ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସହାୟତା ଯୋଗାଇବା ପାଇଁ ଏକ ଇନ୍କ୍ୟୁବେସନ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଆଇ.ଆଇ.ଟି ଭୁବନେଶ୍ୱର ସହଯୋଗୀ ଭାବେ କାର୍ଯ୍ୟ କରିବ ।



ଏହି ସହଯୋଗ ମାଧ୍ୟମରେ ଗ୍ରାମୀଣ ମହିଳା ଉଦ୍ୟୋଗୀମାନେ ବ୍ୟବସାୟ ଯୋଜନା ପ୍ରସ୍ତୁତି, ଉତ୍ପାଦ ବିକାଶ, ଉନ୍ନତ ଗୁଣବତା , ବଜାର ସଂଯୋଗ, ଆର୍ଥିକ ସୁବିଧା ଓ ପେଶାଦାର ନେଟୱର୍କ ଭଳି ବିଭିନ୍ନ କ୍ଷେତ୍ରରେ ସହାୟତା ପାଇବେ । ଦିନଦୟାଲ ଅନ୍ତୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଜୀବିକା ମିଶନର ନିର୍ଦ୍ଦେଶନାମା ଅନୁଯାୟୀ, ଆଗାମୀ ତିନି ବର୍ଷ ମଧ୍ୟରେ ଅତି କମରେ ୧୫୦ଟି ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗକୁ ଏହି ଇନ୍କ୍ୟୁବେସନ୍ ପ୍ରକ୍ରିୟା ମାଧ୍ୟମରେ ସହାୟତା ପ୍ରଦାନ କରାଯିବ । ଏଥିପାଇଁ ଜାତୀୟ ଗ୍ରାମୀଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ୧୦.୭୦ କୋଟି ଟଙ୍କାର ବ୍ୟୟ ଅନୁମୋଦିତ ହୋଇଛି । ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ IIT ଭୁବନେଶ୍ୱରଙ୍କୁ ୯୯ ଲକ୍ଷ ଟଙ୍କା ମଞ୍ଜୁରି କରାଯାଇଛି । ଏହି ଇନକ୍ୟୁବେସନ୍ ? ପ୍ରକ୍ରିୟା ରାଜ୍ୟରେ ଏକ ଉଦ୍ୟୋଗୀ ବାତାବରଣ ସୃଷ୍ଟି କରିବ, ଯାହା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ କ୍ଷୁଦ୍ର ଓ ମାଧ୍ୟମ ଧରଣର ଉଦ୍ୟୋଗରେ ପରିଣତ କରିବା ପାଇଁ ପଥ ପ୍ରଶସ୍ତ କରିବ । ଏହି କାର୍ଯ୍ୟକ୍ରମ ଅଧୀନରେ ଚିହ୍ନଟ ହୋଇଥିବା ଏସଏଚଜି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଦ୍ୟମ ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଅନୁପାଳନ ଓ ପ୍ରମାଣପତ୍ର ହାସଲ କରିବାରେ ସହଯୋଗ କରାଯିବ । ରାଜ୍ୟର କେତେକ ସ୍ୱତନ୍ତ୍ର ଉତ୍ପାଦର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଓଓଞ୍ଜ, ଭୁବନେଶ୍ୱର ପ୍ୟାଟେଂଟ ଏବଂ ପ୍ରକ୍ରିୟା ପ୍ରମାଣପତ୍ର ହାସଲ କରିବାରେ ସାହାଯ୍ୟ କରିବ ।

# ବାଂଲାଦେଶୀ ଅନୁପ୍ରବେଶ ପାଇଁ ଜିଲ୍ଲାର ଭିତିଭୂମି ଅସୁରକ୍ଷିତ



ବାଲେଶ୍ୱର(ନି.ପ୍ର.)ପଶ୍ଚିମବଙ୍ଗ ସରକାର ଙ୍କ ବାଙ୍ଗଲାଦେଶୀ ଙ୍କ ଉପରେ କଡା ଆଭିମୁଖ୍ୟ ପରେ ଏବେ ଅନୁପ୍ରବେଶ କାରି ଙ୍କ ମନରେ ଛନକା ପଶିଥିବା ବେଳେ ଏବେ ଓଡିଶା ମୁହାଁ ହୋଇଛନ୍ତି ବାଙ୍ଗଲାଦେଶୀ । ବିଶେଷ କରି ବାଲେଶ୍ୱର ଜିଲ୍ଲାର ବଳାରାମଗଡ଼ି ମେରାଇନ ପୋଲିସ ଷ୍ଟେସନ ଉପରେ ରହିଛି ସମୁଦ୍ର ତଟର ସୁରକ୍ଷା ଦାୟିତ୍ୱ । ସମ୍ଭାବ୍ୟ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଗତିବିଧିକୁ ରୋକିବା ପାଇଁ ମେରାଇନ ପୋଲିସ ପକ୍ଷରୁ ସମୁଦ୍ରରେ ନିୟମିତ ପେଟ୍ରୋଲିଂ କରାଯାଉଛି ।ସମୁଦ୍ରରେ ପେଟ୍ରୋଲିଙ୍ଗ ଜାରି ରହିଥିବା ବେଳେ କର୍ମଚାରୀ ଅଭାବ ଏବେ ବଡ଼ ସମସ୍ୟା ପାଲଟିଛି ।

ମେରାଇନ ପୋଲିସ ଷ୍ଟେସନରେ ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ ନଥିବାରୁ ଅଧିକାଂଶ କର୍ମଚାରୀ ସମୁଦ୍ର ପଥରେ କୌଣସି ଅନୁପ୍ରବେଶ କିମ୍ବା ସନ୍ଦେହଜନକ ଗତିବିଧିକୁ ରୋକିବା ପାଇଁ ନିୟୋଜିତ ହେଉଛନ୍ତି ।ଫଳରେ ମେରାଇନ ପୋଲିସ ଅଫିସରେ ଥିବା କୋମ୍ପୁଟର ବିଭାଗ ,ନିଗେଶନ ବିଭାଗ ଏବଂ ୱାରଲେସ ଭଳି ବିଭାଗ ରେ କର୍ମଚାରୀ ନ ଥିବାରୁ ଫାଙ୍କା ପଡିଥିବା ବେଳେ ଅନେକ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ମଧ୍ୟ ଖାଲି ପଡ଼ିଛି ।ସୀମିତ କର୍ମଚାରୀଙ୍କୁ ନେଇ ଚାଲିଛି କାର୍ଯ୍ୟ ।ତେବେ ଏହି ସମସ୍ୟା ସତ୍ତ୍ୱେ ଉପକୂଳ ସୁରକ୍ଷା ଓ ଅନୁପ୍ରବେଶ ରୋକିବାକୁ ମେରାଇନ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ସହ ସମୁଦ୍ରରେ ପେଟ୍ରୋଲିଂ ଜାରି ରହିଛି ।

ଅନେକ ସମୟରେ ଗୋଟିଏ କର୍ମଚାରୀଙ୍କୁ ଏକାଧିକ ଦାୟିତ୍ୱ ତୁଲାଇବାକୁ ପଡୁଛି ।ଯାହା ଫଳରେ ଅଫିସର ଅନେକ ବିଭାଗରେ କର୍ମଚାରୀ ନାହାନ୍ତି ।ସୀମିତ ବଳରାମଗଡି ମେରାଇନ ପୋଲିସ କୁ ନେଇ ଉପକୂଳ ସୁରକ୍ଷା ଦାୟିତ୍ୱ କେତେ ସୁରକ୍ଷିତ ତାହା ସମ୍ପୂର୍ଣ୍ଣ ଜଣାପଡୁଛି ।

# 'ସହାୟକ'ର ଗୁରୁତ୍ୱପୂର୍ଣ୍ଣ ବୈଠକ




ବାଲେଶ୍ୱର,(ନି.ପ୍ର.): ଜନକଲ୍ୟାଣକାରୀ ସଂଗଠନ 'ସହାୟକ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଡକ୍ଟର କ୍ଷିତୀଶ୍ୱର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଇଂ. ହୃଷିକେଶ ସାହୁ ବିବରଣୀ ପାଠ କରିଥିଲେ । ଉକ୍ତ ସଂଗଠନ ଦୀର୍ଘ ୨୦ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ପୂର୍ବ ନିଷ୍ପ□ ଅନୁସାରେ ଏପ୍ରିଲ୍ ପହିଲାରୁ ସଂଗଠନ ପକ୍ଷରୁ ତୃଷା□ଙ୍କୁ ଜଳଦାନ କାର୍ଯ୍ୟକ୍ରମ ଜାରି ରଖିଛି । ଏହା ଚଳିତ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି ବୈଠକର ନିଷ୍ପ□ ଅନୁସାରେ ଆଗାମୀ ଜୁଲାଇ ମାସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର ହେଲା । ଏହି ଅବସରରେ ୮୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ସଭ୍ୟ ଶ୍ରୀ ପୁରୁଷୋ□ମ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଉପଦେଷ୍ଟା ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, ଇଂ. ସୁରେନ୍ଦ୍ରନାଥ ଦାସ, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ଶରତ କୁମାର ବିଶ୍ୱାଳ, ପ୍ରଜ୍ଞାପାରମିତା ବିଶ୍ୱାଳ, ଶଚୀନ୍ଦ୍ରନାଥ ଦାସ, ରବୀନ୍ଦ୍ରନାଥ ଗିରି, ଗଙ୍ଗାଧର ପୃଷ୍ଟି, ଦାମୋଦର ନାୟକ, ଅକ୍ଷୟ କୁମାର କର, ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର ପ୍ରସାଦ ଧଳ, ଶଶାଙ୍କ ଶେଖର ଦ□, ଯୋଗେଶ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ଚରଣ ବିଶ୍ୱାଳ, କେଶବ ଚନ୍ଦ୍ର ମହାନ୍ତି, ଭବେଶ ଚନ୍ଦ୍ର ପଣ୍ଡା ଏବଂ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଜର ମତ ପ୍ରଦାନ କରିଥିଲେ । ଶେଷରେ ଉପସଭାନେତ୍ରୀ ଅମିତା ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ




ବାଲେଶ୍ୱର,(ନି.ପ୍ର.)- ଆର.କେ. ଜେନା ଫାଉଣ୍ଡେସନ ଏବଂ ହାଇଲାଣ୍ଡ ଆଗ୍ରୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡର ମିଳିତ ସହଯୋଗରେ ଖନ୍ତାପଡ଼ାସ୍ଥିତ ଗଡ଼ଭଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଗଡ଼ଭଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର ଫିତା କାଟି ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କମ୍ପାନୀର ବରିଷ୍ଠ ଉପସଭାପତି ସୁଶାନ୍ତ କୁମାର ରାଉତ, ସ୍ଥାନୀୟ ସରପଂଚ ଯଶୋମତୀ ମହାଳିକ ଏବଂ ଜୟନ୍ତ କୁମାର ପାତ୍ର ଉପସ୍ଥିତ ରହି ଶିବିରର ସଫଳତା କାମନା କରିଥିଲେ । ବରିଷ୍ଠ ଚିକିତ୍ସକ ଡାକ୍ତର ତାରାକାନ୍ତ ନନ୍ଦ ଶିବିରରେ ଆସିଥିବା ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ପ୍ରଦାନ କରିଥିଲେ । ଫାର୍ମାସିଷ୍ଟ ରଶ୍ମିରଞ୍ଜନ ମହାନ୍ତି ଓ ବିଶ୍ୱରଞ୍ଜନ ପଣ୍ଡା ରୋଗୀମାନଙ୍କୁ ଔଷଧ ବ[ନ କରିଥିଲେ । ଏହି ଶିବିରର ପରିଚାଳନାରେ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଯାଜ୍ଞଦତ ତ୍ରିପାଠୀ, ପ୍ରଶାସନିକ ମୁଖ୍ୟ ସୁବାଶ ଚନ୍ଦ୍ର ଗିରି, ମୁଖ୍ୟ ସୁରକ୍ଷା ଅଧିକାରୀ ବିଜୟ କୁମାର ବେହେରା, ସ୍ମୃତିରେଖା ନାୟକ, ସୁବ୍ରତ କୁମାର ବଳ ଓ ପ୍ରଭାକର ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଶିବିରରେ ପ୍ରାୟ ୧୧୦ ଜଣ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କୁ ଆବଶ୍ୟକୀୟ ଔଷଧ ବ[ନ କରାଯାଇଥିଲା । ସ୍ଥାନୀୟ ଅଂଚଳବାସୀ କମ୍ପାନୀର ଏଭଳି ଜନହିତକର ପଦକ୍ଷେପକୁ ପ୍ରଶଂସା କରିଥିଲେ ।

# ଐତିହ୍ୟ ସମ୍ପନ୍ନ ବଟବୃକ୍ଷ ପୁରାତନ ଇତିହାସର ମୂକସାଖୀ: ବନମାଳୀ ନାୟକ

ବାଲେଶ୍ୱର,(ନି.ପ୍ର.):ଐତିହ୍ୟ ସମ୍ପନ୍ନ ବଟବୃକ୍ଷ ପୁରାତନ ଇତିହାସର ମୂକସାକ୍ଷୀ ବୋଲି ବିଶିଷ୍ଟ ସମାଜସେବୀ ତଥା ସହାୟକର ସଭାପତି ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଗଠନର ପୁରାତନ ସାଧାରଣ ସମ୍ପାଦକ ବନମାଳି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ୮ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ବଟବୃକ୍ଷ ସୁରକ୍ଷା ମଂଚ ପକ୍ଷରୁ କଚେରୀହତା ପରିସରରେ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ କଂଜମଣି ସ୍ୱାଇଁଙ୍କ ଜନ୍ମଦିବସ ପାଳନ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନମାଳି ନାୟକ ଯୋଗଦେଇ କଞ୍ଜମଣିଙ୍କୁ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ୍ନ ଖୁଆଇ କେକ୍ କାଟିଥିଲେ ।



ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଧୀରଜ କୁମାର ଦାସ, ମୃତ୍ୟୁଂଜୟ ପଟ୍ଟନାୟକ, ଭଗବାନ ଦାସ, ଗୌର ପ୍ରସାଦ ବାରିକ, ପ୍ରଦୀବ ବେରା, ସତ୍ୟରଂଜନ ପ୍ରଧାନ, ଚନ୍ଦନ ପାଣିଗ୍ରାହୀ, ହରିଶଙ୍କର ଜେନା, ମନୋଜ ବିଶ୍ୱାଳ, ତପନ ଦାସ, ଅଭୟ ଦାସ, ହ୍ରୀତିକ ନାୟକ, ବୁଦ୍ଧେଶ୍ୱର ମଲ୍ଲିକ, ତ୍ରିଲୋଚନ ଉପାଧ୍ୟାୟ, ଶରତ ବାରିକ, ପ୍ରସନ୍ନଜିତ୍ ଆଶ, ଜୀବନଜ୍ୟୋତି ନାୟକ, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କଂଜମଣିଙ୍କ ଦୀର୍ଘ ଜୀବନୀ କାମନା କରିବା ସହ ଜନ୍ମଦିବସ ଅବସରରେ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

# ଉନ୍ମୋଚିତ ହେଲା ଡ. ରମାକାନ୍ତ ବେହେରାଙ୍କ ପୁସ୍ତକ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଅନ୍ୟାନ୍ୟ ପ୍ରବନ୍ଧ



ବାଲେଶ୍ୱର,(ନି.ପ୍ର.): ଆଜି ସଂଧ୍ୟାରେ ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଡ. ବେହେରାଙ୍କ ସଦ୍ୟଲିଖିତ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏକ ନୂତନ ଗ୍ରନ୍ଥ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଅନ୍ୟାନ୍ୟ ପ୍ରବନ୍ଧ'ର ଶୁଭ ଉନ୍ମୋଚନ ପରିଷଦର କାର୍ଯ୍ୟାଳୟ ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଲେଖକ ତଥା କୃଷି ବିଜ୍ଞାନୀ ଡ. କେଶବ ଚରଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥକୁ ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଭାବେ ଡ. ଅରବିନ୍ଦ ଗିରି ପୁସ୍ତକ ଅନ୍ତର୍ଗତ ତଥ୍ୟ ଓ ତତ୍ତ୍ୱଧର୍ମୀ ୧୩ଗୋଟି ମୌଳିକ ପ୍ରବନ୍ଧର ଆଲୋଚନା କରି ଏହି ଗ୍ରନ୍ଥ ସମସ୍ତଙ୍କ ସୁଖପାଠ୍ୟ ଓ ସଂଗ୍ରହଣୀୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଲେଖିକା ତଥା 'ଧ୍ୱନି ପ୍ରତିଧ୍ୱନି'ର ସଂପାଦିକା ସୈରିନ୍ଧ୍ରୀ ସାହୁ ଡ. ବେହେରାଙ୍କ ଦୀର୍ଘ ଜୀବନର ସୃଷ୍ଟିର ମହନୀୟତାକୁ ବର୍ଣ୍ଣନା କରିଥିଲେ । ଟ୍ରଷ୍ଟର ସଂପାଦକ ଡ. କାଳୀପଦ ପଣ୍ଡା ପୁସ୍ତକର ପ୍ରକାଶଭାବେ ସୂଚନା ପ୍ରଦାନ କରିବା ସହ ଉତ୍ସବକୁ ସଂଚାଳନ କରିଥିଲେ । ଟ୍ରଷ୍ଟର ଅଧ୍ୟକ୍ଷ ତଥା ଗ୍ରନ୍ଥ ରଚୟିତା ଡ. ରମାକାନ୍ତ ବେହେରା ଏଥିରେ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଡ. ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଡ. ସୁବର୍ଣ୍ଣ କେଶରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ଟ୍ରଷ୍ଟି ଡାକ୍ତର ମଧୁସୂଦନ ଜେନା, ଯଦୁନାଥ ସାହୁ, ଶୁଭେନ୍ଦୁ କୁମାର ରାୟ, ଅନ୍ନପୂର୍ଣ୍ଣା ଜେନା, ଅନସୂୟା ପ୍ରଧାନ, ଡ. ଅର୍ଚ୍ଚନା ସାମଲଙ୍କ ସମେତ ଡ. ଭାଗବତ ପ୍ରସାଦ ଦାସ, ପ୍ରୀତିଲେଖା ପାତ୍ର, ଆଡଭୋକେଟ ବିଜୟ କୁମାର ପାଣିଗ୍ରାହୀ, ରଂଜିତ କୁମାର ଦେ ପ୍ରମୁଖ ବହୁବିଶିଷ୍ଟ ବ୍ୟକ୍ତି ଓ ଲେଖକବୃନ୍ଦ ଯୋଗଦାନ କରିଥିଲେ ।

# ପୋଲିସ ପ୍ରଶାସନ ପକ୍ଷରୁ ସାଇକେଲ ଶୋଭାଯାତ୍ରା




ବାଲେଶ୍ୱର,(ନି.ପ୍ର.)- ବିଶ୍ୱ ସାଇକେଲ ଦିବସ ଅବସରରେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ୭ ତାରିଖ ପୂର୍ବାହ୍ନରେ ରିଜର୍ଭ ପୋଲିସଲାଇନ ପରିସରରୁ ଏସପି ପ୍ରତ୍ୟୁଷ ଦିୱାକରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ସାଇକେଲ ଚାଳନାର ଗୁରୁତ୍ୱ ଥିବା ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେହ ଶାରୀରିକ ଅଭ୍ୟାସ ପାଇଁ ସାଇକେଲର ବ୍ୟବହାର କରିବା ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ପ୍ରଜ୍ଞା ମହାନ୍ତି, ସୁଭ୍ରାଂଶୁ ନାୟକ, ଟାଉନଥାନା ଅଧିକାରୀ ବିଜୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରାରେ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର ନିଜେ ସାଇକେଲ ଯୋଗେ ଚାଳନା କରିବା ସହ ସଦରଥାନାଛକ, ଷ୍ଟେସନଛକ, ବିଚାରଗଂଜ ଫାଣ୍ଡିଛକ ହୋଇ ଶୋଭାଯାତ୍ରା ଯାଇଥିଲା ।

# ବିଜେଡି ପକ୍ଷରୁ ଭତା ପାଇଁ ବିକ୍ଷୋଭ ଆଜି

ବାଲେଶ୍ୱର,(ନି.ପ୍ର.)- ଆପଣମାନେ ଜାଣିଥିବେ ଦୀର୍ଘ ୩ ମାସ ଧରି ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଓ ସ୍ୱାମୀ ପରିତ୍ୟକ୍ତା ପ୍ରମୁଖଙ୍କୁ ଭତା ଜରିଆରେ ମିଳୁଥିବା ଆର୍ଥିକ ସହାୟତା ଏବେର ଅପାରଗ ବିଜେପି ସରକାର ଦେଇପାରୁନାହିଁ । ଫଳସ୍ୱରୂପ, ଭତା ହିତାଧିକାରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କ ସାଧାରଣ ଚଳଣି କଷ୍ଟସାଧ ହୋଇଥିବାର ଦୟନୀୟ ଚିତ୍ର ପ୍ରତ୍ୟହ ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ ହିତାଧିକାରୀଙ୍କ ହିତକୁ ଗୁରୁତ୍ୱ ଦେଇ ଆସନ୍ତା ଜୁନ୍ ୯, ମଙ୍ଗଳବାର ସକାଳ ୧୦.୩୦ ମିନିଟ ସମୟରେ ବାଲେଶ୍ୱର ଟାଉନ ବିଜେଡି ପକ୍ଷରୁ ବାଲେଶ୍ୱର ପୌରପାଳିକା ଠାରେ ଦୃଢ଼ ପ୍ରତିବାଦ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ । ଏଥିରେ ବାଲେଶ୍ୱର ବିଜେଡିର ବରିଷ୍ଠ ନେତୃବୃନ୍ଦ, ପୌର-ଉପାଧ୍ୟକ୍ଷ, ସମସ୍ତ କାଉନସିଲର ଏବଂ ବହୁ ସଂଖ୍ୟାରେ ହିତାଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଆପଣଙ୍କ ସଦୟ ଉପସ୍ଥିତି ସହ ଖବର ସଂଗ୍ରହ ଓ ପ୍ରକାଶ ନିମନ୍ତେ ନିବେଦନ କରୁଅଛୁ ।

# ସତ୍ୟଭାମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.): ବିଶ୍ୱ ପରିବେଶ ଦିବସ ଅବସରରେ 'ସତ୍ୟଭାମା ଚାରିଟେବୁଲଟ୍ରଷ୍ଟ' ଓ 'ସମୟର ଚକ୍ର'ର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।'ସତ୍ୟଭାମା ଚାରିଟେବୁଲ ଟ୍ରଷ୍ଟ'ର ମୁଖ୍ୟ ସତ୍ୟଭାମା ଜେନା ଓ 'ସମୟର ଚକ୍ର'ର ସମ୍ପାଦକ ସର୍ବେଶ୍ୱର ଜେନାଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ମୁନସିପାଲଟିର ଦଶ ନମ୍ବର ୱାର୍ଡ କାଉନସିଲର୍ ରାଧାକୃଷ୍ଣ ଦାସ, ସମାଜସେବୀ ଯୁବନେତା ବିକାଶ ପାତ୍ରୀ, ସମାଜସେବୀ ଆଶ୍ରିତା ତରେଇ, କବି ପ୍ରତିମା ପଣ୍ଡା, ସମାଜସେବୀ ସତ୍ୟେନ୍ଦୁ ଦାସ, ସମାଜସେବୀ ସତ୍ୟନାରାୟଣ ନାୟକ, କବି ଜୟନ୍ତ ରଣା, ସାମ୍ବାଦିକା ସଂଯୁକ୍ତା ବେହେରା, ଅଧ୍ୟାପକ ଡକ୍ଟର ଅଶ୍ୱିନୀ କୁମାର ପ୍ରଧାନ, ସମାଜସେବୀ କାର୍ତ୍ତିକ ଚନ୍ଦ୍ର ସାହୁ, ସମାଜସେବୀ ମାନସ କୁମାର ସ୍ୱାଇଁ, ସମାଜସେବୀ ଲୁଲୁ ମିନତି ସେଠୀ, ସୁସଙ୍ଗମ ଜେନା, ତଥା ସ୍ଥାନୀୟ ଲୋକେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟ କ୍ରମକୁ



ସଫଳ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ୧୭ଟି ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କୁନି କଳାକାର ସୁହାନୀସାଇ ଜେନା ଉପସ୍ଥିତ ସମସ୍ତଙ୍କୁ ନଡିଆ ପାଣି ପ୍ରଦାନ କରିଥିଲେ । ପରେ 'ବୃକ୍ଷ ହିଁ ଜୀବନ' ସ୍ଲୋଗାନ ଦେଇ ସଚେତନତା ପଦଯାତ୍ରା କରାଯାଇଥିଲା । ପ୍ରକୃତି ଅସନ୍ତୁଳନ, ଉତାପ ବୃଦ୍ଧି ଓ ଅମ୍ଳଜାନ ଅଭାବରୁ ରକ୍ଷା ପାଇଁ ପ୍ରତି ସ୍ଥାନରେ ବୃକ୍ଷ ରୋପଣ ଓ ତାର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସହରୁ ଗାଁ ପର୍ଯ୍ୟନ୍ତ ସମସ୍ତଙ୍କୁ ଅତି କମରେ ଗୋଟିଏ ବୃକ୍ଷ ଲଗାଇବାକୁ ଆହ୍ୱାନ କରାଯାଇଥିଲା ।

# ଠିକାଦାରଙ୍କ ଦ୍ୱାରା ନିୟମ ଉଲ୍ଲଙ୍ଘନ: ପ୍ରଚଣ୍ଡ ଖରାରେ ଚାଲିଛି କାମ ଶ୍ରମିକଙ୍କ ଜୀବନ ଲାଗିଛି ବାଜିରେ

ବେତନଟୀ(ନି ପ୍ର) ରାଜ୍ୟରେ ଗ୍ରୀଷ୍ମପ୍ରବାହର ପ୍ରକୋପ ଅସହ୍ୟ ହୋଇ ଉଠିଥିବା ବେଳେ ବାରିପଦା ଅଂଚଳ ସର୍ବାଧିକ ଉତପ୍ତ ସ୍ଥାନ ଭାବେ ରେକର୍ଡ କରାଯାଇଛି । ଏହି ପରିସ୍ଥିତିରେ ବେତନଟୀ ବ୍ଲକର ବେତନଟୀ ବଜାର ନିକଟସ୍ଥ ବେତନଟୀ ବିଇଓ ଅଫିସକୁ ଲାଗି ରହିଥିବା ପିଏମ୍ ଶ୍ରୀ ଏମ୍ ?ପିସି ହାଇସ୍କୁଲ୍ ହତା ଭିତରେ ଏକ ସରକାରୀ କୋଠା ନିର୍ମାଣ କାର୍ଯ୍ୟରେ ଶ୍ରମ ବିଭାଗର ସ୍ୱଷ୍ଟ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ଉଠିଛି ।ଶ୍ରମ ବିଭାଗ ପକ୍ଷରୁ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବାହାର ଶ୍ରମ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା । ତଥାପି ଦିନ ପ୍ରାୟ ୧୨ଟା ୫୧ ମିନିଟ୍ ସମୟରେ ନିର୍ମାଣ ସ୍ଥଳରେ ଶ୍ରମିକମାନେ କାନ୍ଥ ଓ ଛାତ ଉପରେ ରଡ୍ ବାନ୍ଧିବା, ସିମେ[ ଗୋଳାଇବା ଏବଂ ସଂକ୍ରିଟ୍ ଢାଳିବା କାମ କରୁଥିବା ଦେଖାଯାଇଛି । ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଶ୍ରମିକଙ୍କ ପାଇଁ ଓଆ ?ଏସ୍, ଛାଇ ପାଇଁ ତମ୍ବୁ କିମ୍ବା ବିଶୁଦ୍ଧ ପାନୀର କୌଣସି ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି । ନିର୍ମାଣ କାର୍ଯ୍ୟ ପରିଚାଳନା କରୁଥିବା ଠିକାଦାର ଓ ସଂସ୍ଥା ପ୍ରଶାସନିକ ନୋଟିସ୍ ?କୁ ଖାତିର କରୁନଥିବା ଅଭିଯୋଗ ଉଠିଛି । ଶ୍ରମିକମାନେ କହିଛନ୍ତି, "ସକାଳୁ ସଞ୍ଜ ଯାଏଁ କାମ କରିବାକୁ ବାଧ୍ୟ ହେଉଛୁ । କାମ ନକଲେ ମଜୁରୀ କଟା ଯିବ ଏବଂ ଘର ଚଳିବ ନାହିଁ । ସରକାର କାମ ବନ୍ଦ କରିବାକୁ କହୁଛନ୍ତି, କିନ୍ତୁ ପେଟ ପାଇଁ ଆମେ ଜୀବନ ବାଜି ଲଗାଇ କାମ କରୁଛୁ ।" ସେମାନଙ୍କ ଅନୁସାରେ, କାମ ସାରିବା ସମୟର ଚାପ ଯୋଗୁଁ ନିୟମ ପାଳନ କରାଯାଉନାହିଁ ।

ଏ ସଂକ୍ରାନ୍ତରେ ଜିଲ୍ଲା ଶ୍ରମ ବିଭାଗ ସହିତ ଯୋଗାଯୋଗ କରାଯିବାରୁ ଅଧିକାରୀମାନେ କହିଛନ୍ତି ଯେ, ବାରିପଦା ଶ୍ରମ ବିଭାଗ ଅଧୀନରେ ଥିବା ସମସ୍ତ ଠିକାଦାର ଓ ନିର୍ମାଣ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି । ସକାଳ ୭ଟାରୁ ୧୧ଟା ଏବଂ ଅପରାହ୍ନ ୩ଟା ପରେ କାମ ଚାଲିପାରିବ । ନିୟମ ଉଲ୍ଲଙ୍ଘନ କଲେ ଶ୍ରମିକମାନେ ସିଧାସଳଖ ଅଭିଯୋଗ କରିପାରିବେ । ନିର୍ମାଣ ସ୍ଥଳରେ ଓଆ ?ଏସ୍, ଥଣ୍ଡା ପାନୀ ଏବଂ ଛାଇର ବ୍ୟବସ୍ଥା କରିବା ବାଧ୍ୟତାମୂଳକ । ବିଭାଗୀୟ ଇନ୍ସପେକ୍ଟରମାନେ ନିୟମିତ ଚେକ୍ ଚଳାଉଛନ୍ତି ଏବଂ ନିୟମ ଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି ।ଏହି ଘଟଣା ଗରିବ ଶ୍ରମିକଙ୍କ ଦୁର୍ଦ୍ଦଶାକୁ ଉନ୍ମୋଚିତ କରିଛି । ଏକାଧିକ ଶ୍ରମିକ କହିଛନ୍ତି, "ଖରାରେ ସାମାନ୍ୟ ବିଶ୍ରାମ ମିଳିଲେ ବି ପରିବାର ପ୍ରତିପୋଷଣ ପାଇଁ ଆମେ ଏପରି ପରିସ୍ଥିତିରେ କାମ କରିବାକୁ ବାଧ୍ୟ ହେଉଛୁ । ସରକାର ଯଦି କାମ ବନ୍ଦ କରାଇବେ, ତେବେ ବିକଳ୍ପ ବ୍ୟବସ୍ଥା କରନ୍ତୁ ।"ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି ହେଉଥିବା ସତ୍ତ୍ୱେ ତଳ ସ୍ତରରେ ବା ଭୂମି ସ୍ତରରେ କେତେ ଦୂର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ହେଉଛି ତାହା ଏବେ ଦେଖିବାକୁ ବାକି ରହିଛି । ଏହି ପରି ଘଟଣା ଶ୍ରମିକ ସୁରକ୍ଷା ଏବଂ ନିୟମ ପାଳନର ଗୁରୁତ୍ୱ କୁ ଆଉଥରେ ମନେ ପକାଇ ଦେଉଛି । ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ଏ ବିଷୟରେ ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।



# ଶିକ୍ଷା ଓ ସମାଜସେବା ପାଇଁ ଆଦର୍ଶ ଶିକ୍ଷକ ସମ୍ମାନଜନକ ଡକ୍ଟରେଟ୍ ଉପାଧିରେ ଭୂଷିତ



ଧାମନଗର(ନିପ୍ର): ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଧାମନଗର ଅଂଚଳ ରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ସମାଜସେବୀ ଶେଖ ଅବଦୁଲ ହାକିମ, ଯିଏକି ଅଂଚଳରେ ‘ଗୋରା ସାର’ ନାମରେ ସୁପରିଚିତ, ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି । ‘ଆମେରିକାନ ମେରିଟ୍ କାଉନ୍ସିଲ’ ପକ୍ଷରୁ କଟକ ଶତାବ୍ଦୀ ଭବନଠାରେ ଆୟୋଜିତ ‘ଜ୍ଞାନଦାନ ଆୱାର୍ଡସ ସେରିମୋନି’ ରେ ତାଙ୍କୁ ଏହି ଗୌରବମୟ ଉପାଧିରେ ଭୂଷିତ କରାଯାଇଛି । ଡକ୍ଟର ଶେଖ ଅବଦୁଲ ହାକିମ କେବଳ ଜଣେ ଶିକ୍ଷକ ନୁହଁନ୍ତି, ବରଂ ସେ ଏକାଧାରରେ ଜଣେ ସମାଜସେବୀ ଏବଂ ସଂଗଠକ ଭାବେ ବେଶ୍ ପରିଚିତ । ସେ ‘ହାକିମୀ ପାଠଗାର’ର ପ୍ରତିଷ୍ଠାତା ହେବା ସହିତ ‘ଏଚ୍.ଏଚ୍. ଏଜୁକେସନାଲ୍ ଆଣ୍ଡ ଚାରିଟେବଲ୍ ଟ୍ରଷ୍ଟ’ର ପ୍ରତିଷ୍ଠାତା ଭାବେ ଶିକ୍ଷାର ପ୍ରସାର ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ଏହା ବ୍ୟତୀତ ସେ ଧାମନଗର ବରିଷ୍ଠ ନାଗରିକ ପରିଷଦର ଉପସଭାପତି, ଧାମନଗର ଥାନା ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ଏବଂ ଅନ୍ୟାନ୍ୟ ଅନେକ ସାମାଜିକ ଅନୁଷ୍ଠାନ ସହିତ ସକ୍ରିୟ ଭାବେ ଜଡ଼ିତ ରହି ସମାଜର ଉନ୍ନତି ପାଇଁ ନିଜକୁ ନିୟୋଜିତ କରିଛନ୍ତି । ତାଙ୍କର ଏହି ନିସ୍ୱାର୍ଥପର ସେବା ପାଇଁ ପୂର୍ବରୁ ସେ ‘ଶିକ୍ଷାରତ୍ନ’ ସମ୍ମାନରେ ସମ୍ମାନିତ ହୋଇଥିବାବେଳେ, ପୂର୍ବତନ ସାଂସଦ ଓ ବିଧାୟକଙ୍କ ଦ୍ୱାରା ’ଧାମନଗର ମହୋତ୍ସବ’ରେ ମଧ୍ୟ ସମ୍ମାନିତ ହୋଇସାରିଛନ୍ତି । ତାଙ୍କୁ ଏହି ସମ୍ମାନଜନକ ଡକ୍ଟରେଟ୍ ପୁରସ୍କାର ମିଳିବା ପରେ ସମଗ୍ର ଧାମନଗର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ମହଲରୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଏବଂ ତାଙ୍କର ଶୁଭେଚ୍ଛୁମାନେ ତାଙ୍କୁ ଫୋନ୍, ସୋସିଆଲ ମିଡ଼ିଆ ଓ ବ୍ୟକ୍ତିଗତ ଭାବେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ସଫଳତା ସମ୍ପର୍କରେ ପ୍ରତିକ୍ରିୟା ରଖି ଗୋରା ସାର୍ କହିଛନ୍ତି ଯେ, ଏହି ସମ୍ମାନ ତାଙ୍କୁ ସମାଜ ସେବା କ୍ଷେତ୍ରରେ ଆହୁରି ଅଧିକ କାମ କରିବା ପାଇଁ ପ୍ରେରଣା ଯୋଗାଇବ । ତାଙ୍କର ଏହି ସଫଳତାରେ ଅଂଚଳବାସୀ ଗର୍ବିତ ବୋଲି ମତବ୍ୟକ୍ତ କରିଛନ୍ତି ।

# ଦକ୍ଷିଣ ପ୍ରହରାଜପୁରରେ ନିମ୍ନ ମାନର କାର୍ଯ୍ୟ ବିରୁଦ୍ଧରେ ସମିତି ସଦସ୍ୟଙ୍କ ଶାନ୍ତିପୂର୍ଣ୍ଣ ଧାରଣା



ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ ର ଦକ୍ଷିଣପ୍ରହରାଜପୁର ରେ ୨ ହଜାର ଚବିଶ -ପଚିଶ ଆର୍ଥିକ ବର୍ଷ ରେ ବିକଶିତ ଗାଁ ବିକଶିତ ଓଡିଶା ଗ୍ରାମ ସଭାରେ ଅନୁମୋଦିତ ଏବଂ ଅନ୍ୟ ଏକ ପ୍ରକଳ୍ପ ଜେଇ ଙ୍କ ନାମରେ ଥିବାରୁ ଥିବାରୁ ସମିତି ସଦସ୍ୟଙ୍କ ଅଜ୍ଞାତରେ ସମସ୍ତ କାର୍ଯ୍ୟ କରି ଜେଇ ଠିକାଦାର ଙ୍କ ଠାରୁ ଅର୍ଥ ନେଇ ଥିବର ଶ୍ରୀ ଜେନା ଅଭିଯୋଗ କରିଛନ୍ତି । ସମସ୍ତ କାର୍ଯ୍ୟ ବାବଦରେ ତାଙ୍କର ସାମ୍ବିଧାନିକ ଅଧିକାର ଜାଣିବା ର ଥିଲେ ମଧ୍ୟ ଜଣାଯାଉନାହିଁ । ସକାଳ ନ ଟାରୁ ଶାନ୍ତପୂର୍ଣ୍ଣ ଧାରଣା ରେ ଡିପି ପୁର ସଦସ୍ୟ ମୁକୁନ୍ଦ ରଞ୍ଜନ ଜେନା ବ୍ଲକ ବିଡ଼ିଓ କାର୍ଯ୍ୟାଳୟ ସମ୍ମୁଖ ରେ ବସିଥିଲେ । ଦିନ ପ୍ରାୟ ଗୋଟାଏ ବେଳେ ବିଡ଼ିଓ ଏବଂ ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ ସମସ୍ତ କାର୍ଯ୍ୟ ସମ୍ପର୍କ ରେ ପନ୍ଦର ଦିନ ମଧ୍ୟରେ ଜଣାଇ ଦିଆଯିବ ବୋଲି ପ୍ରତିଶୃତି ଦେବା ପରେ ଶ୍ରୀ ଜେନା ଧାରଣା ପ୍ରତ୍ୟାହୃତ କରିଥିଲେ ।

# ୪ ହଜାର ଲିଟର ଦେଶୀ ମଦ ସହିତ ୫୨ହଜାରରୁ ଅଧିକ ଟଙ୍କା ଜବତ



ବାଲିଆପାଳ(ନିପ୍ର): ବାଲିଆପାଳ ପୋଲିସ ରବିବାର ଭୋର କେଶୁଡିହା ଗ୍ରାମରୁ ଦେଶୀ ମଦ ବୋଝେଇ ଓ ଡ଼ି ୦୧ ସି ୬୫୬୩ ନମ୍ବର ଏକ ବୋଲେରୋ, ଓ ଡ଼ି ୨୨ ଏଚ ୬୪୦୧ ନମ୍ବର ଏକ ମହେନ୍ଦ୍ରା ପିକାପ ସହିତ ନଗଦ ୫୨ ହଜାର ତିନି ଶହ ୬୦ ଟାଙ୍କ ଓ ଦୁଇ ଜଣ ଡ୍ରାଇଭରକୁ ଗିରଫ କରିଥିବା କଥା ସୋମବାର ପୂର୍ବାହ୍ଣରେ ବସ୍ତା ଏସ ଡି ପି ଓ ସମର୍ଥ କୁମାର ବେହେରା ବାଲିଆପାଳ ଥାନାରେ ସାମ୍ବାଦିକ ସମିଳନୀରେ କହିଛନ୍ତି । ବସ୍ତା ଏସ ଡି ପି ଓ ଶ୍ରୀ ବେହେରା ନୂଆ ଭାବରେ ବସ୍ତା ଥାନାରେ ଯୋଗଦାନ ପାଇବା ପରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ସହିତ ବେଆଇନ ନିଶା କାରବାର ଉପରେ ନଜର ରଖିଥିଲେ । ରବିବାର ଭୋର ବହୁ ମାତ୍ରା ରେ ବାଲିଆପାଳ ଅଂଚଳକୁ ଦେଶୀ ମଦ ଚୋରା ଚାଲଣ ହେଉଥିବାର ସୁଚନା ପାଇ ବାଲିଆପାଳ ଥାନା ଆଇ ଆଇ ସି ସାଲ ଖାନ ମୁର୍ମୁଙ୍କୁ ଖବର ଦେଇଥିଲେ । ବାଲିଆପାଳ ଥାନା ଆଇ ଆଇ ସି ଶ୍ରୀ ମୁର୍ମୁ ଙ୍କ ନିର୍ଦ୍ଦେଶ କ୍ରମେ ବାଲିଆପାଳ ଥାନା ଏ ଏସ ଆଇ ପ୍ରବୋଧ କୁମାର ମଲ୍ଲିକ, କନେଷ୍ଟେବଲ ଦୀପକ କୁମାର ମହାଲିକ ଓ ମନୋଜ କୁମାର ମାରାଣ୍ଡି ପୋଲିସ ଭେନରେ ପିଛା କରି କେଶୁଡିହା ଗ୍ରାମର ସରୋଜ କୁମାର ଜେନାଙ୍କ ଘର ଆଗରୁ ଦୁଇଟି ମଦ ବୋଝାଇ ଗାଡି ସହିତ ଦୁଇଜଣ ଡ୍ରାଇଭରଙ୍କୁ ଗିରଫ କରି ବାଲିଆପାଳ ଥାନାକୁ ଆଣିଥିଲେ । ଏହି ବାବଦରେ ବାଲିଆପାଳ ଥାନା କେସ ନମ୍ବର ୨୮୦/୨୬ ରେ ମାମଲା ରୁଜ୍ଜୁ କରି ସେମାନଙ୍କୁ ସୋମବାର କୋର୍ଟ ଚଲାଣ କରାଯାଇଅଛି । କୁଡ଼ିଆ ଗ୍ରାମର ପ୍ରତାପ କେଶରୀ ମହାପାତ୍ର ଓରଫ ବାପି ଏବଂ ପ୍ରତାପ ମାହାପାତ୍ର ଓରଫ ଟୁନାଙ୍କ ନିର୍ଦ୍ଦେଶରେ ଏହି ଦେଶୀ ମଦ ଗୁଡିକ କେଶୁଡିହା ଗ୍ରାମର ସରୋଜ କୁମାର ଜେନାଙ୍କ ଘରକୁ ନେଉଥିଲେ ବୋଲି ଡ୍ରାଇଭର ପ୍ରକାଶ କରିଛି ବୋଲି ଏସ ଡି ପି ଓ ଶ୍ରୀ ବେହେରା କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନି ରେ ବସ୍ତା ଏସ ଡି ପି ଓ ଶ୍ରୀ ବେହେରାଙ୍କ ସହିତ ବାଲିଆପାଳ ଥାନା ଆଇ ଆଇ ସି ଶ୍ରୀ ମୁର୍ମୁ, ଏସ ଆଇ ଶୁଭସ୍ମିତା ପାଳ, ଏ ଏସ ଆଇ ପ୍ରବୋଧ କୁମାର ମଲ୍ଲିକ, ଦେବେନ୍ଦ୍ର ବେହେରା ଏବଂ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

**AFFIDAVIT**

I, Surama Bala Samal, W/O- Late Bhaktahari Samal, resident of Vill/PO- Sohara, PS- Dhamnagar, Dist- Bhadrak (Odisha), do hereby solemnly affirm:?That my correct name is "Surama Bala Samal" (as per my PPO No. 60842).?That in my Aadhaar (No. 867366204605) and Voter ID (No. LLN1304211), my name is wrongly entered as "Surama Samal"?That "Surama Bala Samal" and "Surama Samal" are one and the same person.

Sd/-
Surama Bala samal

**AFFIDAVIT**

ମୁଁ, କେଶୋରୀ ବେହେରା (ନୂତନ ନାମ), ସ୍ୱାମୀ: ଘନଶ୍ୟାମ ବେହେରା, ସାଙ୍ଗିଆ: ବାଲିପାଟଣା, ପୋ: ଏବିସି ପାଟଣା, ଥାନା: ଧାମନଗର, ଜିଲ୍ଲା: ଭଦ୍ରକ, ପିନ୍: ୭୫୬୧୧୯, ଓଡ଼ିଶା । ମୁଁ ପୂର୍ବରୁ ‘ପାଲୁନି ବେହେରା’ ନାମରେ ପରିଚିତ ଥିଲି । ଆଧାର କାର୍ଡରେ ସଂଶୋଧନ ପାଇଁ ମୁଁ ମୋର ପୂର୍ବ ନାମ ‘ପାଲୁନି ବେହେରା’କୁ ପରିତ୍ୟାଗ କରି ସର୍ବସାଧାରଣରେ ‘କେଶୋରୀ ବେହେରା’ ସ୍ୱାମୀ, ଘନଶ୍ୟାମ ବେହେରା ନାମରେ ପରିଚିତ ହେବି । ଏ ନେଇ ମୁଁ ଧାମନଗରର ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏକ ସତ୍ୟପାଠ (Affidavit 4040/26) ମଧ୍ୟ ଦାଖଲ କରିଛି (ତା. ୨୯/୦୫/୨୦୨୬)ରେ ଭବିଷ୍ୟତରେ ମୋତେ ‘କେଶୋରୀ ବେହେରା’ ନାମରେ ହିଁ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଗଣ୍ୟ କରାଯିବାକୁ ଅନୁରୋଧ ।

ସ୍ୱା/-
କେଶୋରି ବେହେରା

# ଏସ୍ଆଇଆର-୨୦୨୬ ସଚେତନତା ରଥର ଶୁଭାରମ୍ଭ

ବାରିପଦା(ନିପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମକୁ ନେଇ ଜନସଚେତନତା ବୃଦ୍ଧି ଏବଂ ମତଦାତାଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ବାରିପଦା ଉପ-ଜିଲ୍ଲାପାଳ ତଥା ବାରିପଦା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ କସ୍ତୁରୀ ପଣ୍ଡା ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅନ୍ତର୍ଗତ ଏକ ନିର୍ଭୁଲ, ଅଦ୍ୟତନ ଓ ସର୍ବସମାବେଶୀ ମତଦାତା ତାଲିକା ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ । ଏହି ଉଦ୍ଦେଶ୍ୟରେ ସଚେତନତା ରଥ ବାରିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ଓ ଗ୍ରାମାଂଚ ପରିଭ୍ରମଣ କରି ମତଦାତା ତାଲିକା ସଂଶୋଧନ ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଂଚାଇବ । ରଥ ମାଧ୍ୟମରେ ମତଦାତା ତାଲିକାରେ ନାମ ସଂଯୋଜନ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତରଣ ସମ୍ପର୍କିତ ସୂଚନା ପ୍ରଚାର କରାଯିବା ସହିତ ମତଦାତାମାନଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ସହଯୋଗ ପାଇଁ ଉତ୍ସାହିତ କରାଯିବ ।

**AFFIDAVIT**

By virtue of an affidavit sworn before Executive Magistrate, Khaira, dtd. 05.06.2026 I Sri Priyabrata Panda alias Debabrata Panda, S/o- Ramesh Chandra Panda of Vill- Bishnupur, Po/ Ps- Khaira, Dist- Baleshwar, Odisha, Pin- 756048 declare that I am one and same person in the name of Priyabrata Panda and Debabrata Panda, S/o- Ramesh Chandra Panda and want to change my name Debabrata Panda instead of Priyabrata Panda in my L.I.C. Policy records bearing Policy No. 589938689 under Balasore L.I.C. Branch.

**ଦ.ପୂ. ରେଳପଥ - ନିଲାମ**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ ସାଧାରଣ ପରିଚାଳକ (ଇଞ୍ଜିନିୟରିଂ), ଦକ୍ଷିଣ ପୂର୍ବ ରେଳବାଇ, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: **ଟେଣ୍ଡର ନଂ.: ବିଆର-ଏଚ୍କ୍ୟୁ-କେଜିପି-୨୬-୨୭-୦୨, ତାରିଖ: ୦୪.୦୬.୨୦୨୬,** କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ଡିଭିଜନ - ୨୫ଟି ଆକ୍ସଲ୍ ଲୋଡ୍ ମାଲବାହୀ ଟ୍ରେନ୍ ଚଲାଇବା ପାଇଁ ବିଦ୍ୟମାନ ସେତୁଗୁଡ଼ିକୁ କମ୍ପୋଜିଟ୍ ଗାର୍ଡର/ ବାଲାଷ୍ଟେଡ୍ ଡେକ୍‌ରେ ପରିବର୍ତ୍ତନ (କ) ଷ୍ଟେସନ ଘାଟସିଲା-ଧଲଭୂମିଗଡ଼ ସେତୁ ନଂ. ୯୪ୟୁପି (ସ୍ପାନ୍ ୨x୧୮.୩ମି) ମଧ୍ୟରେ ଝାରଗ୍ରାମ-ଗିଧନି ଷ୍ଟେସନ, (ଖ) ଷ୍ଟେସନ ରାଜଘାଟ-ଅମର୍ଦା ରୋଡ୍ ମଧ୍ୟରେ ସେତୁ ନଂ. ୨୧୭ ୟୁପି (ସ୍ପାନ୍ ୯x୧୮.୩ମି), (ଗ)ଷ୍ଟେସନ ବସ୍ତା-ନୂଆଗାଁ ମୟୁରଭଞ୍ଜ ରୋଡ ମଧ୍ୟରେ ସେତୁ ନମ୍ବର ୨୩୫ ୟୁପି (ସ୍ପାନ୍ ୯x୧୮.୩ମି), (ଘ)ଷ୍ଟେସନ ନୂଆଗାଁ ମୟୁରଭଞ୍ଜ ରୋଡ-ବସ୍ତା ମଧ୍ୟରେ ସେତୁ ନମ୍ବର ୨୩୫ ଡିଏନ (ସ୍ପାନ୍ ୯x୧୮.୩ମି), (ଘ ଷ୍ଟେସନ ହଳଦୀପଦା-ବାଲସୋର ମଧ୍ୟରେ ସେତୁ ନମ୍ବର ୨୬୪ୟୁପି (ସ୍ପାନ୍ ୯x୧୮.୩ମି), (ଚ)ଷ୍ଟେସନ ନୂଆଗାଁ ମୟୁରଭଞ୍ଜ ରୋଡ-ରୂପସା ମଧ୍ୟରେ ସେତୁ ନମ୍ବର ୨୩୮ ୟୁପି (ସ୍ପାନ୍୩x୧୨.୨ମି), ଏବଂ ଷ୍ଟେସନ ନୂଆଗାଁ ମୟୁରଭଞ୍ଜ ରୋଡ-ରୂପସା ମଧ୍ୟରେ ସେତୁ ନମ୍ବର ୨୩୯ ୟୁପି (ସ୍ପାନ୍ ୨x୧୨.୨ମି +୨x୧୮.୩ମି), (ଛ) ଷ୍ଟେସନ ରୂପସା-ନୂଆଗାଁ ମୟୁରଭଞ୍ଜ ରୋଡ ଏବଂ ସେତୁ ନମ୍ବର ୨୫୮ ୟୁପି (ସ୍ପାନ୍) ମଧ୍ୟରେ ସେତୁ ନମ୍ବର ୨୩୯ ଡିଏନ (ସ୍ପାନ୍ ୨x୧୨.୨ମି+୨x୧୮.୩ମି) ହଳଦୀପଦା-ବାଲାସୋର ଷ୍ଟେସନ ମଧ୍ୟରେ ୪x୧୨.୨ ମିଟର, (ଜ) ଅମର୍ଦା ରୋଡ୍-ରାଜଘାଟ ଷ୍ଟେସନ ମଧ୍ୟରେ ୨୧୭ ଡିଏନ (ସ୍ପାନ୍ ୯x୧୮.୩ ମିଟର) ଏବଂ ବସ୍ତା-ନୂଆଗାଁ ମୟୁରଭଞ୍ଜ ରୋଡ୍ ମଧ୍ୟରେ ୨୩୪ୟୁପି (ସ୍ପାନ୍ ୫x୧୨.୨ ମିଟର), (୧) ବାଖରାବାଦ-ନାରାୟଣଗଡ଼ ଷ୍ଟେସନ ମଧ୍ୟରେ ୧୬୮ ଡିଏନ (ସ୍ପାନ୍ ୪x୧୨.୨ ମିଟର + ୨x୧୮.୩ ମିଟର) ଏବଂ ବେଲଦା-ବାଖରାବାଦ ଷ୍ଟେସନ ମଧ୍ୟରେ ୧୭୬ ଡିଏନ (ସ୍ପାନ୍୩x୧୨.୨ ମିଟର) (ଦ୍ୱିତୀୟ କଲ୍) । ଟେଣ୍ଡର ମୂଲ୍ୟ: ଟ.୧୨୫,୫୬,୬୩,୫୨୫.୧୮ । ଆୟ ଟଙ୍କା: ଟ.୨,୫୧,୧୩,୩୦୦ । ଟେଣ୍ଡର ଡକ୍ୟୁମେଂଟ ମୂଲ୍ୟ: କୌଣସି ଟେଣ୍ଡର ଶେଷ ତାରିଖ, ସମୟ: ତା୧୭.୦୭.୨୦୨୬ ରାତି ୧୧.୩୦ ଟାରେ । ସମାପ୍ତିର ଅବଧି: ୨୪ (ଚବିଶ) ମାସ । ଆଗ୍ରହୀ ଟେଣ୍ଡର ଦାତା ମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା ପାଇଁ ଏବଂ ଏହି ଟେଣ୍ଡରର ସ୍ଥିତି ଜାଣିବା ପାଇଁ www.lreps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଯାହା ଦ୍ୱାରା ସେମାନେ ଅନଲାଇନରେ ବିଡ୍ ଦାଖଲ କରିପାରିବେ । ଏହି କାର୍ଯ୍ୟ ପାଇଁ ଭୌତିକ / ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-289)

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ ଦିଶା କମିଟିର ତୃତୀୟ ବୈଠକ ଅନୁଷ୍ଠିତ

ଯାଜପୁର(ନିପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ଉନ୍ନୟନ ସମନ୍ୱୟ ଏବଂ ତଦାରଖ (ଦିଶା) କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପ୍ରତିନିଧି ଯୋଗ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ କର ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ଏବଂ ନୂତନ ପଦକ୍ଷେପ ବିଷୟରେ ଆଲୋଚନା କରିବା ପାଇଁ ଦିଶା ବୈଠକ ଏକ ପ୍ରମୁଖ ପ୍ଲାଟଫର୍ମ । ଲୋକସଭା ସାଂସଦ ଡ. ବେହେରା ଯାଜପୁର - ଧାମରା ରେଳଲାଇନ ଏକ ଐତିହାସିକ ପ୍ରକଳ୍ପ ହେବ ବୋଲି କହିଥିଲେ । ଏହାସହ ଜିଲ୍ଲାରେ ସ୍ଥାଣୁ ହୋଇ ରହିଥିବା ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ମତି ପ୍ରକାଶ କରିଛନ୍ତି ବୋଲି ସେ କହିଥିଲେ । ବିଶେଷ କରି ବିରଜା କ୍ଷେତ୍ର ବିକାଶ ପ୍ରକଳ୍ପ, ବରାହ ପୀଠ, ପର୍ଯ୍ୟଟନ ପ୍ରକଳ୍ପ, ସାଇନ୍ସ ପାର୍କ ଉପରେ ସାଂସଦ ଗୁରୁତ୍ୱ ଦେଇଥିଲେ । ଏହି ସଭାରେ ଗତ ଦିଶା ବୈଠକର ବିବରଣୀ ଏବଂ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଦିଶା ବୈଠକରେ ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡି ବିଭାଗ, ଜଳ ଜୀବନ ମିଶନ, ପାନୀୟ ଜଳ ଯୋଗାଣ, ଜଳସେଚନ ଏବଂ ଡ୍ରେନେଜ୍, ସ୍ୱାସ୍ଥ୍ୟ, ସମଗ୍ର ଶିକ୍ଷା, ସମନ୍ୱିତ ଶିଶୁ ବିକାଶ ଯୋଜନା ଭଳି ବିଭିନ୍ନ ବିଭାଗର ପ୍ରକଳ୍ପ କାର୍ଯ୍ୟ ଏବଂ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ସେତୁ ବନ୍ଧ ଯୋଜନା ଏବଂ ବ୍ରିଜ୍ ନିର୍ମାଣ ନେଇ ବିଧାୟକମାନେ ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀମାନେ ରିପୋର୍ଟ ଦାଖଲ କରିବା ପାଇଁ କହିଥିଲେ । ବିଶେଷ କରି ସ୍ୱାସ୍ଥ୍ୟ ଭିତିଭୂମି ପ୍ରକଳ୍ପ ଟେଣ୍ଡର ପୂର୍ବରୁ ସେହି ସ୍ଥାନର ଫିଜିବିଲିଟି ଦେଖିବା ସହ ସ୍ଥାନୀୟ ବି ଡି ଓ, ତହସିଲଦାରଙ୍କ ମତାମତ ନେବା ଦରକାର ବୋଲି କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକ କହିଥିଲେ । ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟ ବିଭାଗ ର ସବସେ[ର ଗୁଡିକରେ ପାଚେରୀ ନିର୍ମାଣ, ପାନୀୟ ଜଳ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବଡ଼ଚଣା ବିଧାୟକ ଅମର ନାୟକ ପ୍ରସ୍ତାବ ଦେଇଥିଲେ । ଯାଜପୁର ବିଧାୟିକା ଲୋକଙ୍କୁ ନିର୍ଦ୍ଧାରିତ ସମୟରେ ପାନୀୟ ଜଳ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାସହ ରାସ୍ତା ଓ କୋଠାବାଡ଼ି ବିଭାଗର ପ୍ରଶାସନିକ ଭବନ ନିର୍ମାଣ, ମେଡିକାଲ କଲେଜ୍ ରେ ୧୫୦ ଶଯ୍ୟା ବିଶିଷ୍ଟ ଏମସିଏଚ ବିଲଡିଂ, ପାଣିକୋଇଲିରେ ଟ୍ରାଉମା କେୟାର ସେଂଟର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ହୋଇଥିଲା । ଜାତୀୟ ରାଜପଥରେ ତୁରନ୍ତ ଡ୍ରେନେଜ ବ୍ୟବସ୍ଥା ସୁଧାରିବାକୁ ବଡ଼ଚଣା ବିଧାୟକ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଗକୁ ବର୍ଷା ଋତୁ ଥିବାରୁ, ଜୁନ୍ ମାସ ପୂର୍ବରୁ ମୌସୁମୀ ଏବଂ ବନ୍ୟା ପରିଚାଳନା ପ୍ରସ୍ତୁତି ଶେଷ କରିବା ଉପରେ କୋରେଇ ବିଧାୟକ ଆକାଶ ଦାସ ନାୟକ ଗୁରୁତ୍ୱ ଦେବା ସହ, ଏହା ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା । ବସୁଧା ଯୋଜନା ଅଧୀନରେ ନୂତନ ନଳକୂପ ଖନନ ସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀ ତଥ୍ୟ ଉପସ୍ଥାପନ କରିଥିଲେ । ଡାଇରିଆ ନିୟନ୍ତ୍ରଣ ପାଇଁ ନିୟମିତ ପାନୀୟ ଜଳର ଗୁଣବତା ଏବଂ କ୍ଲୋରିନେଶନ ପରିମାଣ ପରୀକ୍ଷା କରିବା ପାଇଁ ଜିଲ୍ଲାପାଳ ଶ୍ରୀ କର ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ସାଂସଦ ଏବଂ ବିଧାୟକମାନେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସଫଳ ରୂପାୟନ, ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଲି ପଦବୀ, କଳିକା କେନ୍ଦ୍ରର କାର୍ଯ୍ୟକାରିତା, ସେଠାରେ ଦିଆଯାଉଥିବା ଛତୁଆର ଗୁଣବତା ଏବଂ ମାନ ସମ୍ବନ୍ଧରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ମେଡିକାଲ ସମେତ ବିଭିନ୍ନ କାର୍ଯ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀଙ୍କ କ୍ଷେତ୍ରରେ ସ୍ଥାନୀୟ ଯୁବପିଢ଼ିଙ୍କ ନିଯୁକ୍ତିକୁ ପ୍ରାଥମିକତା ଦେବା ପାଇଁ ବଡ଼ଚଣା ବିଧାୟକ ପ୍ରସ୍ତାବ ଦେଇଥିଲେ । ଏହାସହ ସାଂସଦ ଡ. ବେହେରା ଜିଲ୍ଲାରେ ବ[ନ ହୋଇ ନଥିବା ପ୍ରାୟ ୬ ଲକ୍ଷ ଆୟୁଷ୍ମାନ କାର୍ଡକୁ ତୁରନ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉପସ୍ଥିତ ଜନ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଜିଲ୍ଲାରେ ଥିବା ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ସାଂସଦ ଏବଂ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ବୈଠକରେ ଆଲୋଚନା ହୋଇଥିବା ବିଷୟବସ୍ତୁକୁ ଆଧାର କରି ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦିଶା କମିଟି ବୈଠକରେ କମିଟି ସଦସ୍ୟ, ସଦସ୍ୟା, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ, ବିଡ଼ିଓ, ଜନ ପ୍ରତିନିଧି, ପଂଚାୟତ ସମିତି, ପୌର ପରିଷଦ, ଜିଲ୍ଲା ପରିଷଦର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

**WORKS DEPARTMENT**

No. 34001/319/2627

OFFICE OF THE SUPERINTENDING ENGINEER,
BHADRAK (R&B) DIVISION
e-mail: - bhadrakrnbdivision@gmail.com

Government of Odisha "e" Procurement Notice

Bid Identification No. SE (R&B) BDK- 08 /2026-27
No. 5292 / dt. 05.06.26

Nature of work: - - EI Work
Number of works: -1(One) No
Amount put to Tender: - Rs.9.54
Class of Contractor: HT or MV with Authorised Dealer of OEM/ Original Equipment Manufacturer/ Manufacturer Company.
Date & Time of availability of bid document in the portal: - ...12.06.2026 at 11.00 AM
Last Date / Time of receipt of bid in the portal: ......19.06.2026.......up to 05.00 PM
Date of opening of bid: - Dt......20.06.2026.01.2025 at 11.30 AM
Name & address of the Office inviting bid: - Superintending Engineer, Bhadrak (R&B) Division.
The bidders have to participate in ONLINE bidding only.
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only.

OIPR. 34001/34079/1/26-27/0003

# ପିଏମଏସଏମଏର ଏକ ଦଶନ୍ଧି : ସୁରକ୍ଷିତ ମାତୃତ୍ୱ ଦିଗରେ ଭାରତର ସଫଳ ଯାତ୍ରା

ପ୍ରତ୍ୟେକ ମହିଳାଙ୍କ ସୁରକ୍ଷିତ ଗର୍ଭଧାରଣ ହେଉଛି ଏକ ଦେଶର ମହିଳାଙ୍କ ପ୍ରତି ପ୍ରତିବଦ୍ଧତାର ପ୍ରତିଫଳନ । ଯେଉଁ ଦେଶରେ ବାର୍ଷିକ ପ୍ରାୟ ୨.୯ କୋଟି ମହିଳା ଗର୍ଭଧାରଣ କରିଥାନ୍ତି, ସେଠାରେ ବ୍ୟାପକ ସ୍ତରରେ ସୁରକ୍ଷିତ ମାତୃତ୍ୱ ସୁନିଶ୍ଚିତ କରିବା ପାଇଁ ମଜବୁତ ସ୍ୱାସ୍ଥ୍ୟ ପ୍ରଣାଳୀ, ନିରନ୍ତର ରାଜନୈତିକ ପ୍ରତିବଦ୍ଧତା, ସଠିକ୍ ସମୟରେ ଆବଶ୍ୟକୀୟ ପଦକ୍ଷେପ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମାନ ଅଧିକାର ମିଳିବା ଏକାନ୍ତ ଆବଶ୍ୟକ । ଗତ ଦଶନ୍ଧି ମଧ୍ୟରେ ମାତୃ ମୃତ୍ୟୁହାରରେ ଆଶାତୀତ ହ୍ରାସ ଘଟିବା ଭାରତର ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତାଗୁଡ଼ିକ ମଧ୍ୟରୁ ଅନ୍ୟତମ । ମାତୃ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ, ସ୍ୱାସ୍ଥ୍ୟସେବା ଯୋଗାଣ ପ୍ରଣାଳୀର ସୁଦୃଢ଼ୀକରଣ, ଜନଭାଗିଦାରୀ ଏବଂ ପ୍ରତ୍ୟେକ ମହିଳା ଯେପରି ସେମାନଙ୍କର ସମ୍ପୂର୍ଣ୍ଣ ଗର୍ଭାବସ୍ଥା ସମୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ଦେଶର ଅଟଳ ପ୍ରତିବଦ୍ଧତା ଯୋଗୁଁ ହିଁ ଏହି ପ୍ରଗତି ସମ୍ଭବ ହୋଇପାରିଛି । ଏଭଳି ପରିବର୍ତ୍ତନର ମୂଳରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ (ପି.ଏମ.ଏସ.ଏମ.ଏ.) ରହିଛି, ଯାହା ଇତି ମଧ୍ୟରେ ସାରା ଦେଶରେ ସୁରକ୍ଷିତ ମାତୃତ୍ୱକୁ ଆଗକୁ ବଢାଇବାର ଦଶ ବର୍ଷ ପୂରଣ କରିଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ଅନୁଯାୟୀ, ୯ ଜୁନ୍ ୨୦୧୬ରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । 'ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ' (ପି.ଏମ.ଏସ.ଏମ.ଏ) ହେଉଛି ଏକ ଦେଶବ୍ୟାପୀ ଆନ୍ଦୋଳନ, ଯାହାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ମାସର ୯ ତାରିଖରେ ସମସ୍ତ ଗର୍ଭବତୀ ମହିଳାଙ୍କୁ ସେମାନଙ୍କର ଦ୍ୱିତୀୟ ଏବଂ ତୃତୀୟ ତ୍ରୈମାସ ସମୟରେ ସମ୍ପୂର୍ଣ୍ଣ ମାଗଣାରେ ସୁନିଶ୍ଚିତ, ବ୍ୟାପକ ଏବଂ ଗୁଣାତ୍ମକ ପ୍ରସବପୂର୍ବ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା । ଏହି ୯ ତାରିଖକୁ ଚୟନ କରିବା ପଛରେ ଏକ ଗଭୀର ମହତ୍ୱ ରହିଛି । ଗର୍ଭାବସ୍ଥା ହେଉଛି ନଅ ମୂଲ୍ୟବାନ ମାସର ଏକ ଯାତ୍ରା, ଯେଉଁଠି ପ୍ରତିଟି ମାସ ନୂଆ ଆଶା, ପ୍ରତୀକ୍ଷା ଏବଂ ଦାୟିତ୍ୱ ନେଇ ଆସିଥାଏ । ପ୍ରତ୍ୟେକ ମାସର ୯ ତାରିଖକୁ ମାତୃ ସ୍ୱାସ୍ଥ୍ୟ ପାଇଁ ସମର୍ପିତ କରି, ପି.ଏମ.ଏସ.ଏମ.ଏ ଏହି ବାର୍ତ୍ତା ଦେଇଥାଏ ଯେ ଏକ ସୁସ୍ଥ ଶିଶୁର ସୁରକ୍ଷିତ ଜନ୍ମ ପର୍ଯ୍ୟନ୍ତ, ସମ୍ପୂର୍ଣ୍ଣ ନଅ ମାସ ଯାକ ପ୍ରତ୍ୟେକ ଗର୍ଭାବସ୍ଥା ନିରନ୍ତର ଯତ୍ନ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସହଯୋଗ ପାଇବାକୁ ଯୋଗ୍ୟ । ମାତୃ ସ୍ୱାସ୍ଥ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମଧ୍ୟରୁ ଗୋଟିଏ ହେଉଛି କୌଣସି ଗର୍ଭଧାରଣ ସମ୍ପୂର୍ଣ୍ଣ ବିପଦମୁକ୍ତ ନୁହେଁ । ଆଜି ସ୍ୱାଭାବିକ ଦେଖାଯାଉଥିବା ଗର୍ଭଧାରଣ ହୁଏତ ଆସନ୍ତାକାଲି ଗମ୍ଭୀର ଜଟିଳତା ସୃଷ୍ଟି କରିପାରେ । ଯେକୌଣସି ଗର୍ଭଧାରଣ ସତର୍କତା ବିନା ଅତି ମାତ୍ରାରେ ବିପଦପୂର୍ଣ୍ଣ ହୋଇପାରେ ବୋଲି ସ୍ୱୀକାର କରି, ପି.ଏମ.ଏସ.ଏମ.ଏ. ଏହିସବୁ ବିପଦଗୁଡ଼ିକୁ ତୁରନ୍ତ ଚିହ୍ନଟ କରି, ସେଗୁଡ଼ିକୁ ବିଧିବଦ୍ଧ ଭାବରେ ତଦାରଖ କରି ଏବଂ ସମୟୋଚିତ ରେଫରେଲ୍ ଏବଂ ପରିଚାଳନା ସୁନିଶ୍ଚିତ କରିବାର ଏକ ସରଳ ଏବଂ ପରିବର୍ତ୍ତନକାରୀ ପଦ୍ଧତି କାର୍ଯ୍ୟାନ୍ୱୟନ କରିଥିଲା । ଚିହ୍ନଟ ହୋଇଥିବା ପ୍ରତ୍ୟେକ ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭାବସ୍ଥା ମାତୃ ମୃତ୍ୟୁ, ମୃତ ଶିଶୁ ପ୍ରସବ, ନବଜାତ ନିମନ୍ତେ ଥିବା ଜଟିଳତା କିମ୍ବା ଜୀବନବ୍ୟାପୀ ଅକ୍ଷମତାକୁ ରୋକିବାର ଏକ ସୁଯୋଗକୁ ପ୍ରତିନିଧିତ୍ୱ କରେ । ଏଭଳି ଜଟିଳତାକୁ ଚିକିତ୍ସା ମାଧ୍ୟମରେ ରୋକିବା ପାଇଁ ଧ୍ୟାନ କେନ୍ଦ୍ରିତ କରି, ପି.ଏମ.ଏସ.ଏମ.ଏ. ଭାରତର ମାତୃ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସଶକ୍ତ କରିଛି ଏବଂ କୋଟି କୋଟି ମହିଳାଙ୍କ ନିମନ୍ତେ ଗର୍ଭଧାରଣକୁ ସୁରକ୍ଷିତ କରିଛି ।

ପି.ଏମ.ଏସ.ଏମ.ଏର ଅନ୍ୟତମ ପ୍ରମୁଖ ସଫଳତା ହେଉଛି ବିଶେଷଜ୍ଞଙ୍କ ଦ୍ୱାରା ପ୍ରସବପୂର୍ବ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ଏବଂ ସୁନିଶ୍ଚିତ ମଂଚର ପ୍ରତିଷ୍ଠା କରିବା, ଯାହା ସାରା ଦେଶରେ ମାତୃ ସ୍ୱାସ୍ଥ୍ୟସେବାରେ ସ୍ଥିରତା, ଦାୟିତ୍ୱ ଏବଂ ନିରନ୍ତରତା ଆଣିପାରିଛି । ଏହି କାର୍ଯ୍ୟକ୍ରମ ଅଧୀନରେ, ଗର୍ଭବତୀ ମହିଳାମାନଙ୍କର ପ୍ରାୟ ୨୫ଟି ଅତି ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟାର ଯାଂଚ କରାଯାଇଥାଏ; ଯେଉଁଥିରେ ଅତ୍ୟଧିକ ରକ୍ତହୀନତା, ଉଚ୍ଚ ରକ୍ତଚାପ, ଗର୍ଭକାଳୀନ ମଧୁମେହ, ସଂକ୍ରମଣ ଏବଂ ଅନ୍ୟାନ୍ୟ ଜଟିଳତା ଅନ୍ତର୍ଭୁକ୍ତ, ଯାହା ଚିହ୍ନଟ ନହେଲେ ମା' ଏବଂ ନବଜାତ ଶିଶୁର ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ପି.ଏମ.ଏସ.ଏମ.ଏ. ଅଧୀନରେ ଜଣେ ବିଶେଷଜ୍ଞ/ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ନିୟମିତ ପ୍ରସବ ପୂର୍ବବର୍ତ୍ତୀ ଯତ୍ନ ପରିଦର୍ଶନ ବ୍ୟତୀତ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭଧାରଣ ନିମନ୍ତେ ନିରନ୍ତର ତଦାରଖ ଆବଶ୍ୟକ ବୋଲି ପ୍ରମାଣ ମିଳିବାରୁ, ଭାରତ ସରକାର ୨୦୨୨ ମସିହାରେ ବିସ୍ତାରିତ ପି.ଏମ.ଏସ.ଏମ.ଏ. (ଇ-ପି.ଏମ.ଏସ.ଏମ.ଏ.) ରଣନୀତି ଆରମ୍ଭ କରି କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିଥିଲେ । ଇ-ପି.ଏମ.ଏସ.ଏମ.ଏ. ଅଧୀନରେ, ଉଚ୍ଚ ବିପଦପୂର୍ଣ୍ଣ ଗର୍ଭବତୀ ମହିଳାମାନେ ନିରାପଦ ପ୍ରସବ ପର୍ଯ୍ୟନ୍ତ ସମୟୋଚିତ ପରିଚାଳନା ସୁନିଶ୍ଚିତ କରିବା ପାଇଁ ନିୟମିତ ପି.ଏମ.ଏସ.ଏମ.ଏ. ଅଧିବେଶନ ବ୍ୟତୀତ ଅତିରିକ୍ତ ଫଲୋ- ଅପ୍ ପରିଦର୍ଶନର ସୁଯୋଗ ପାଇଥାଆନ୍ତି । ଏହି ପଦକ୍ଷେପ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭଧାରଣର ନାମ-ଆଧାରିତ ଟ୍ରାକିଂ ବ୍ୟବସ୍ଥା ପ୍ରଚଳନ କରିଥିଲା ଏବଂ ପ୍ରସବ ପରେ ୪୫ତମ ଦିନ ପର୍ଯ୍ୟନ୍ତ ଫଲୋ-ଅପ୍ ପଦ୍ଧତିକୁ ମଜଭୁତ କରିଥିଲା, ଯାହା ନିଶ୍ଚିତ କରିଥିଲା ଯେ ଶାରୀରିକ ଦୁର୍ବଳ ମହିଳାମାନେ ଗର୍ଭଧାରଣ ଏବଂ ପ୍ରସବ ପରବର୍ତ୍ତୀ ସମୟ ମଧ୍ୟରେ ନିରନ୍ତର ଚିକିତ୍ସା ସେବା ଓ ଯତ୍ନରେ ରହିବା ଜରୁରୀ । ଉଚ୍ଚ ବିପଦପୂର୍ଣ୍ଣ ଗର୍ଭବତୀ ମହିଳା ମାନଙ୍କୁ ଅତିରିକ୍ତ ପରିଦର୍ଶନ ପାଇଁ ସାଙ୍ଗରେ ରଖି ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶାକର୍ମୀ)ଙ୍କ ପାଇଁ ପ୍ରୋତ୍ସାହନ, ରେଫରାଲ୍ ଅନୁପାଳନ ଏବଂ ଯତ୍ନର ନିରନ୍ତରତାକୁ ଆହୁରି ବଳିଷ୍ଠ କରିଛି । କାର୍ଯ୍ୟାନ୍ୱୟନ, ତଦାରଖ ଏବଂ ଉତରଦାୟିତ୍ୱକୁ ଆହୁରି ମଜଭୁତ କରିବା ପାଇଁ, ଭାରତ ସରକାର ଏକ କେନ୍ଦ୍ରୀକୃତ ପି.ଏମ.ଏସ.ଏମ.ଏ. ଡିଜିଟାଲ୍ ପୋର୍ଟାଲ୍ ବିକାଶ ଘଟାଇଛନ୍ତି ଯାହା ସାରା ଦେଶରେ କାର୍ଯ୍ୟକ୍ରମ ପରିଚାଳନାର ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଆସୁଛି । ଏହି ପୋର୍ଟାଲ ସେବା ପ୍ରଦାନର ବାସ୍ତବ-ସମୟ ରିପୋର୍ଟିଂ, ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭଧାରଣର ନାମ-ଆଧାରିତ ଟ୍ରାକିଂ, କାର୍ଯ୍ୟକ୍ରମ କାର୍ଯ୍ୟଦକ୍ଷତାର ତଦାରଖ ଏବଂ ଜାତୀୟ ତଥା ରାଜ୍ୟ ସ୍ତରରେ ପ୍ରମାଣ-ଆଧାରିତ ନିଷ୍ପତି ଗ୍ରହଣକୁ ସକ୍ଷମ କରିପାରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଏହି ପ୍ଲାଟଫର୍ମ ଘରୋଇ କ୍ଷେତ୍ରର ବିଶେଷଜ୍ଞ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବକମାନଙ୍କ ନାମ ପଞ୍ଜୀକରଣ ଏବଂ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଅନୁମତି ଦିଏ, ଯାହା ପି.ଏମ.ଏସ.ଏମ.ଏ.ର ହୃଦୟରେ ଥିବା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଜନ ଭାଗୀଦାରୀର ଦୃଷ୍ଟିକୋଣକୁ ଆହୁରି ବଳିଷ୍ଠ କରିଥାଏ । ପି.ଏମ.ଏସ.ଏମ.ଏ.ର ସଫଳତା ଭାରତର ମାତୃ ସ୍ୱାସ୍ଥ୍ୟ ଇକୋସିଷ୍ଟମରେ ସମନ୍ୱୟର ଗୁରୁତ୍ୱକୁ ମଧ୍ୟ ପ୍ରଦାନ କରେ । ଜନନୀ ସୁରକ୍ଷା ଯୋଜନା (ଜେ.ଏସ.ୱାଇ.), ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ (ଜେ.ଏସ.ଏସ.କେ.), ସୁରକ୍ଷିତ ମାତୃତ୍ୱ ଆଶ୍ୱାସନ (ସୁମନ), ଜାତୀୟ ଗୁଣବତା ନିଶ୍ଚିତତା ମାନକ (ଏନ.କ୍ୟୁ.ଏ.ଏସ.), ପୋଷଣ ଅଭିଯାନ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (ପି.ଏମ.ଏମ.ଭି.ୱାଇ.), ଆୟୁଷ୍ମାନ ଭାରତ ଏବଂ ପ୍ରସୂତି ସେବା, ପ୍ରସବ ପରବର୍ତ୍ତୀ ଯତ୍ନର ଅପ୍‌ଟିମାଇଜେସନ୍ (ଓ.ପି.ଏନ.ସି.), ପି.ଏମ.ଏସ.ଏମ.ଏ. ଗର୍ଭାବସ୍ଥା, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟ ମଧ୍ୟରେ ମହିଳାମାନଙ୍କ ପାଇଁ ଯତ୍ନର ଏକ ସଶକ୍ତ ନିରନ୍ତର ବ୍ୟବସ୍ଥା ଗଠନରେ ଅବଦାନ ରଖିଛି । ଏହି ପରିବର୍ତ୍ତନର ମୂଳରେ ଛାମୁଆ ସ୍ୱାସ୍ଥ୍ୟସେବା କର୍ମୀ ଯଥା ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) ଅଙ୍ଗନୱାଡି କର୍ମୀ (ଏ.ଡବ୍ଲୁ.ଡବ୍ଲୁ.) ସହାୟକ ନର୍ସ ଧାତ୍ରୀ (ଏ.ଏନ.ଏମ.), ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସି.ଏସ.ଓ.), ନର୍ସ, ଧାତ୍ରୀ ଏବଂ ଚିକିତ୍ସା ଅଧିକାରୀମାନେ ରହିଛନ୍ତି । ସାର୍ବଜନୀନ ସଂକଳନ, ପରାମର୍ଶ, ସ୍କ୍ରିନିଂ, ରେଫରାଲ ଏବଂ ଫଲୋ-ଅପ୍ କ୍ଷେତ୍ରରେ ସେମାନଙ୍କର ନିଷ୍ଠାପର ଏବଂ ନିରବଚ୍ଛିନ୍ନ ପ୍ରୟାସ ଦେଶର ସବୁଠାରୁ ଦୁର୍ଗମ ଏବଂ ଅନୁନ୍ନତ କ୍ଷେତ୍ରରେ ମଧ୍ୟ ମାତୃ ସ୍ୱାସ୍ଥ୍ୟ ସେବା ମହିଳାଙ୍କ ନିକଟରେ ପହଂଚାଇବା ସୁନିଶ୍ଚିତ କରିଛି । ଏହି ସାମୂହିକ ପ୍ରୟାସର ପ୍ରଭାବ ଜାତୀୟ ସ୍ୱାସ୍ଥ୍ୟ ପରିଣାମରେ କ୍ରମଶଃ ଦୃଶ୍ୟମାନ ହେବାରେ ଲାଗିଛି । ୨୦୨୨-୨୪ ମସିହା ନିମନ୍ତେ କରାଯାଇଥିବା ସର୍ବଶେଷ ନମୁନା ପଞ୍ଜୀକରଣ ପ୍ରଣାଳୀ (ଏସ.ଆର.ସି.)ର ଆକଳନ ଅନୁଯାୟୀ, ଭାରତର ମାତୃ ମୃତ୍ୟୁ ଅନୁପାତ (ଏମ.ଏମ.ଆର.) ପ୍ରତି ୧୦୦,୦୦୦ ଶିଶୁ ପ୍ରସବରେ ୮୭କୁ ହ୍ରାସ ପାଇଛି, ଯାହା ଦେଶକୁ ୨୦୩୦ ମସିହା ସୁଦ୍ଧା ପ୍ରତି ଏକ ଲକ୍ଷ ନବଜାତକଙ୍କ ଜନ୍ମରେ ଏମ.ଏମ.ଆର.କୁ ୭୦ରୁ କମ୍ କରିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାର ଯଥେଷ୍ଟ ନିକଟତର କରିଛି । ଏହି ଲାଭଗୁଡ଼ିକ ବ୍ୟାପକ ମାତୃ ସ୍ୱାସ୍ଥ୍ୟ ସୂଚକରେ ମଧ୍ୟ ପ୍ରତିଫଳିତ ହୁଏ । ସଦ୍ୟ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ.ଏଫ.ଏଚ.ଏସ.--୬, ୨୦୨୩-୨୪) ରିପୋର୍ଟ ଦର୍ଶାଇଛି ଯେ ଏନ.ଏଫ.ଏଚ.ଏସ.-୫ (୨୦୧୯-୨୧)ରେ ୮୮.୬%ରୁ ଆନୁଷ୍ଠାନିକ ପ୍ରସବ ୯୦.୬%କୁ ବୃଦ୍ଧି ପାଇଛି, ଯେତେବେଳେ ଏନ.ଏଫ.ଏଚ.ଏସ.-୫ ରେ ୯୨.୬%ରୁ ଏନ.ଏଫ.ଏଚ.ଏସ.-୬ରେ ୯୫.୯%କୁ ବଢ଼ିଛି । ଏହି ସଫଳତାଗୁଡ଼ିକ ଦର୍ଶାଉଛି ଯେ ପୂର୍ବ ଅପେକ୍ଷା ଅଧିକ ମହିଳାମାନେ ଅତ୍ୟାବଶ୍ୟକ ମାତୃ ସ୍ୱାସ୍ଥ୍ୟ ସେବା ସହଜରେ ପାଇପାରୁଛନ୍ତି, ପ୍ରସବଜନିତ ଜଟିଳତାର ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ହସ୍ତକ୍ଷେପ ପାଇଁ ମୂଲ୍ୟବାନ ସୁଯୋଗ ସୃଷ୍ଟି କରୁଛି । ବିଶ୍ୱର ସର୍ବବୃହତ ବାର୍ଷିକ ପ୍ରସବଜନିତ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏକୁ ପରିଚାଳନା କରିବା ସମୟରେ ଏପରି ପ୍ରଗତି ହାସଲ କରିବା ଭାରତର ମାତୃ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରିମାଣ ଏବଂ ପ୍ରଭାବକୁ ସଫଳତାର ସହିତ ପ୍ରଦର୍ଶିତ କରେ । ଏକ ଦଶନ୍ଧିର ପ୍ରଭାବ ଗତ ଏକ ଦଶନ୍ଧି ମଧ୍ୟରେ ପି.ଏମ.ଏସ.ଏମ.ଏ.ର ପରିମାଣ ଏବଂ ପହଂଚରେ ଅଭୂତପୂର୍ବ ସଫଳତା ହାସଲ ହୋଇପାରିଛି । ୨୦୧୬ ମସିହାରେ ଏହାର ଶୁଭାରମ୍ଭ ହେବା ଦିନଠାରୁ, ସାରା ଦେଶରେ ଏହି କାର୍ଯ୍ୟକ୍ରମ ଅଧୀନରେ ୭.୫ କୋଟିରୁ ଅଧିକ ପ୍ରସବ ପୂର୍ବବର୍ତ୍ତୀ



**ଜଗତ ପ୍ରକାଶ ନଡ୍ଡା**

ଯାଂଚ କରାଯାଇଛି । ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ପି.ଏମ.ଏସ.ଏମ.ଏ. ୧.୧୭ କୋଟିରୁ ଅଧିକ ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭଧାରଣକୁ ଚିହ୍ନଟ କରିବାରେ ସକ୍ଷମ ହୋଇଛି । ଏହି ସଫଳତାଗୁଡ଼ିକ କେବଳ ସଂଖ୍ୟା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେମାନେ ଲକ୍ଷ ଲକ୍ଷ ମା'ଙ୍କ ପ୍ରତିନିଧିତ୍ୱ କରନ୍ତି ଯେଉଁମାନଙ୍କର ଜଟିଳତା ଯଥାଶୀଘ୍ର ଚିହ୍ନଟ ହୋଇଥିଲା, ଯାହାଙ୍କ ଗର୍ଭ ଧାରଣର ଅଧିକ ଚିକିତ୍ସାଗତ ନିରୀକ୍ଷଣ କରାଯାଇଥିଲା, ଏବଂ ସମୟୋଚିତ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମାଧ୍ୟମରେ ସେମାନଙ୍କର ଜୀବନ ଏବଂ ସେମାନଙ୍କ ନବଜାତ ଶିଶୁଙ୍କ ଜୀବନ ସୁରକ୍ଷିତ କରାଯାଇ ପାରିଛି । ପ୍ରତ୍ୟେକ ମା'ଙ୍କ ପାଇଁ, ଗର୍ଭଧାରଣ ହେଉଛି ଆଶାର ଏକ ଯାତ୍ରା । ପ୍ରତ୍ୟେକ ପରିବାର ପାଇଁ, ଏହା ଏକ ନୂତନ ଆରମ୍ଭର ପ୍ରତିଶ୍ରୁତି । ତଥାପି ବିଶ୍ୱର ଅସୁମାରି ମହିଳାଙ୍କ ପାଇଁ ଗର୍ଭଧାରଣ ଏଡାଇବା ବିପଦ ବହନ କରିଚାଲିଛି । ପି.ଏମ.ଏସ.ଏମ.ଏ. ଏକ ସରଳ ଅଥଚ ମଭଜୁତ ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଥିଲା, ଯେ ଜୀବନ ଦାନ କରିବା ସମୟରେ କୌଣସି ମହିଳା ନିଜ ଜୀବନ ହରାଇବା ଉଚିତ୍ ନୁହେଁ ଏବଂ କୌଣସି ପରିବାର ପ୍ରତିରୋଧଯୋଗ୍ୟ ଗର୍ଭଧାରଣ-ସମ୍ବନ୍ଧୀୟ ଜଟିଳତା ପାଇଁ ମା'ଙ୍କୁ ହରାଇବା ଉଚିତ୍ ନୁହେଁ । ଭାରତ ପି.ଏମ.ଏସ.ଏମ.ଏ.ର ଏକ ଦଶନ୍ଧି ପୂର୍ତ୍ତି ପାଳନ କରୁଥିବା ସମୟରେ, ଆମେ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳତା ଅପେକ୍ଷା ଢେର୍ ଅଧିକ କିଛି ପାଳନ କରୁ । ଆମେ ଲକ୍ଷ ଲକ୍ଷ ସୁରକ୍ଷିତ ଗର୍ଭଧାରଣ, ସୁସ୍ଥ ମାତା, ନବଜାତ ଶିଶୁଙ୍କ ପାଇଁ ଦୃଢ଼ ଅୟମାରମ୍ଭ ଏବଂ ଏହି ପରିବର୍ତ୍ତନରେ ଅବଦାନ ଦେଇଥିବା ସ୍ୱାସ୍ଥ୍ୟସେବା କର୍ମୀ, ଗୋଷ୍ଠୀ ଏବଂ ପରିବାରର ସାମୂହିକ ପ୍ରୟାସକୁ ପାଳନ କରୁଛୁ । ଆଗକୁ ଆମର ଯାତ୍ରା ସ୍ପଷ୍ଟ । ଆମକୁ ଗୁଣାତ୍ମକ ପ୍ରସବ ପୂର୍ବବର୍ତ୍ତୀ ଯତ୍ନ, ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭଧାରଣ ଟ୍ରାକିଂ, ଧାତ୍ରୀ-ନେତୃତ୍ୱାଧୀନ ସେବା, ଡିଜିଟାଲ୍ ଉଦ୍ଭାବନ ଏବଂ ମାତୃ ସ୍ୱାସ୍ଥ୍ୟସେବା ପ୍ରତି ସମାନ ପହଂଚକୁ ସୁଦୃଢ଼ କରିବା ପ୍ରୟାସ ଜାରି ରଖିବାକୁ ପଡିବ । ପି.ଏମ.ଏସ.ଏମ.ଏ.ର ଅଭିଜ୍ଞତା ଏକ ସରଳ ସତ୍ୟକୁ ପୁନଃପ୍ରକାଶ କରିଛି : ଯେତେବେଳେ ପ୍ରତ୍ୟେକ ଗର୍ଭଧାରଣ ଉପରେ ନଜର ରଖାଯାଏ, ପ୍ରତ୍ୟେକ ବିପଦକୁ ଯଥାଶୀଘ୍ର ଚିହ୍ନଟ କରାଯାଏ ଏବଂ ପ୍ରତ୍ୟେକ ମହିଳା ସମୟୋଚିତ, ସମ୍ମାନଜନକ ଏବଂ ଗୁଣାତ୍ମକ ଯତ୍ନସେବା ପାଆନ୍ତି, ମାତୃ ମୃତ୍ୟୁ ଅନିବାର୍ଯ୍ୟ ହେବା ପରିବର୍ତ୍ତେ ଏହାକୁ ସହଜରେ ରୋକାଯାଇ ପାରିବ । ପି.ଏମ.ଏସ.ଏମ.ଏ.ର ଦଶ ବର୍ଷର ଯାତ୍ରା କେବଳ ଏକ କାର୍ଯ୍ୟକ୍ରମର ଉତ୍ସବ ନୁହେଁ । ଏହା ଏକ ପ୍ରମାଣ ଯେ ରାଜନୈତିକ ପ୍ରତିବଦ୍ଧତା, ସଶକ୍ତ ଛାମୁଆ କର୍ମୀ, ଡିଜିଟାଲ୍ ନବସୃଜନ, ଗୋଷ୍ଠୀର ନିଷ୍ଠାପର ଅଂଶଗ୍ରହଣ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ଯେତେବେଳେ ଏକମାତ୍ର ଲକ୍ଷ୍ୟ ସହିତ ଏକାଠି ହୁଏ, ତେବେ ସେଥିରୁ କେଉଁ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇପାରିବ ଯାହା ପ୍ରତ୍ୟେକ ମାଆଙ୍କୁ ବଂଚାଇ ରଖିପାରିବ ଏବଂ ପ୍ରତ୍ୟେକ ନବଜାତ ଶିଶୁର ଉନ୍ନତି ସୁନିଶ୍ଚିତ କରିବ ।

***(ଲେଖକ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ମନ୍ତ୍ରୀ)***

# 'କିଚେନ୍ ପ୍ରିମିଅର୍ ଲିଗ୍' ୨୦୨୬ ସଂସ୍କରଣର ବିଜେତା ହେଲେ ଶ୍ରଦ୍ଧାଞ୍ଜଳି, ସୁପର୍ଣ୍ଣା ଏବଂ ଅଞ୍ଜନା

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ବିଭିନ୍ନ ଆବାସିକ ସୋସାଇଟିଗୁଡିକ ମଧ୍ୟରେ ଗତ ଦୁଇ ମାସ ଧରି ଚାଲିଥିବା ରୋମାଂଚକର ରନ୍ଧନ ପ୍ରତିଯୋଗିତା ପରେ, ପିପିଲିର ଆଡଭେର କନଭେନସନ୍ ଆଣ୍ଡ ରିସୋର୍ଟଠାରେ ଗତକାଲି ଅନୁଷ୍ଠିତ ୯୩.୫ ରେଡ୍ ଏଫ୍ଏମ୍ କିଚେନ୍ ପ୍ରିମିଅର୍ ଲିଗ୍ (କେପିଏଲ୍) ୨୦୨୬ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସୁପର୍ଣ୍ଣା ମିଶ୍ର ଏବଂ ଅଞ୍ଜନା ପାତ୍ର ବିଜୟୀ ହୋଇଛନ୍ତି । ଏହି ଗ୍ରାଣ୍ଡ ଫାଇନାଲରେ ମୋଟ ୨୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଏକ ରୋମାଂଚକର ମୁକାବିଲା ଦେଖିବାକୁ ମିଳିଥିଲା । ଗତ ଦୁଇ ମାସ ଧରି ବିଭିନ୍ନ ହାଉସିଂ ସୋସାଇଟିରେ ଆୟୋଜିତ ପ୍ରାରମ୍ଭିକ ପର୍ଯ୍ୟାୟରେ ସଫଳତା ହାସଲ କରିବା ପରେ ଏହି ପ୍ରତିଯୋଗିଗଣ ଫାଇନାଲରେ ପହଂଚିଥିଲେ । ଫାଇନାଲିଷ୍ଟ ମାନଙ୍କ ମଧ୍ୟରେ ଉତ୍ସାହୀ ହୋମ୍ ଶେଫ୍ ଏବଂ ରୋଷେଇ ପ୍ରେମୀ ମାନଙ୍କର ଏକ ବିବିଧ ସମାହାର ଥିଲା, ଯେଉଁମାନେ ନିଜର ଅସାଧାରଣ ସୃଜନଶୀଳତା ଓ ରନ୍ଧନ କୌଶଳର ପ୍ରଦର୍ଶନ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ, ପ୍ରତିଯୋଗୀମାନଙ୍କୁ ୯୦ ମିନିଟ୍ ସମୟ ମଧ୍ୟରେ ନିଜ ପସନ୍ଦର ଏକ ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ କୁହାଯାଇ ଥିଲା । ପ୍ରତିଯୋଗୀ ମାନେ ନୂତନତ୍ୱ, ଉପସ୍ଥାପନା ଶୈଳୀ, ସ୍ୱାଦ ଏବଂ ଉତ୍କୃଷ୍ଟ ରନ୍ଧନ କୌଶଳର ଅପୂର୍ବ ସମନ୍ୱୟ ଦେଖାଇ ପ୍ରତିଯୋଗିତାକୁ ବେଶ୍ ଆକର୍ଷଣୀୟ କରିଥିଲେ । କଠୋର ମୂଲ୍ୟାୟନ ପରେ ପୋଖରୀପୁଟ ସ୍ଥିତ କୋକିଳା ଗାର୍ଡେନର ଶ୍ରଦ୍ଧାଞ୍ଜଳି ସ୍ୱାଇଁ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ବେଳେ, ପୋଖରୀପୁଟ ସ୍ଥିତ ପ୍ରିଷ୍ଟିନ୍ ଗ୍ରୀନ୍ସର ସୁପର୍ଣ୍ଣା ମିଶ୍ର ପ୍ରଥମ ରନର୍-ଅପ୍ ଏବଂ ପଟିଆସ୍ଥିତ ରକ୍ ?ପୁଲ ହାଇଟ୍ସର ଅଞ୍ଜନା ପାତ୍ର ଦ୍ୱିତୀୟ ରନର୍-ଅପ୍ ଭାବେ ବିବେଚିତ ହୋଇଥିଲେ । ଶ୍ରଦ୍ଧାଞ୍ଜଳିଙ୍କ ଶ୍ରୀଜଗନ୍ନାଥଙ୍କ 'ଛପନଭୋଗ'କୁ ଉତ୍ସର୍ଗୀକୃତ 'ଛପନଭୋଗ ପ୍ଲାଟର' ସର୍ବଶ୍ରେଷ୍ଠ ବିବେଚିତ ହୋଇଥିବାବେଳେ, ସୁପର୍ଣ୍ଣାଙ୍କ ବ୍ରହ୍ମପୁର ଶୈଳୀର 'ମାଛ ଅମ୍ବିଳ' ଏହାର ସରଳତା ପାଇଁ ବିଚାରକ ଓ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା । ଅଞ୍ଜନା ପାତ୍ରଙ୍କ 'ପ୍ୟାନ୍-ଇଣ୍ଡିଆ ପ୍ଲାଟର' ଦେଖିବାକୁ ଯେତିକି ଆକର୍ଷଣୀୟ ଥିଲା, ସ୍ୱାଦରେ ମଧ୍ୟ ସେତିକି ଉତ୍କୃଷ୍ଟ ଥିଲା । ଆତିଥ୍ୟ ଶିଳ୍ପ କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତିତ୍ୱ ଏବଂ ବର୍ତ୍ତମାନ ୱଣ୍ଡରଲା ହଲିଡେଜ୍ ଲିମିଟେଡ୍ ?ର ଭୁବନେଶ୍ୱର ପାର୍କ ହେଡ୍ ସମୀର ଅଲିଙ୍କ ନେତୃତ୍ୱରେ ବିଶିଷ୍ଟ ଶେଫ୍ ଓ ଆତିଥ୍ୟ ଶିଳ୍ପର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ବ୍ୟଞ୍ଜନ ଗୁଡ଼ିକର ମୂଲ୍ୟାୟନ କରିଥିଲେ । ବିଚାରକମାନଙ୍କ ଦ୍ୱାରା ସ୍ୱାଦ, ମୌଳିକତା, ଉପସ୍ଥାପନ, ପରିଚ୍ଛନ୍ନତା ଏବଂ ସାମଗ୍ରିକ ରନ୍ଧନ ଶୈଳୀକୁ ଆଧାର କରି ମୂଲ୍ୟାୟନ କରାଯାଇଥିଲା । ପ୍ରତିଯୋଗିତାର ଶେଷରେ ବିଜେତା ଓ ଫାଇନାଲିଷ୍ଟମାନଙ୍କୁ ସମ୍ମାନିତ କରାଯାଇଥିଲା । ବିଜେତା ଶ୍ରଦ୍ଧାଞ୍ଜଳି ସ୍ୱାଇଁଙ୍କୁ ୧୦,୦୦୦ ଟଙ୍କା, ପ୍ରଥମ ରନର୍ସ-ଅପ୍ ସୁପର୍ଣ୍ଣା ମିଶ୍ରଙ୍କୁ ୭,୦୦୦ ଟଙ୍କା ଏବଂ ଦ୍ୱିତୀୟ ରନର୍ସ-ଅପ୍ ଅଞ୍ଜନା ପାତ୍ରଙ୍କୁ ୫,୦୦୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହା ସହ ଆୟୋଜକମାନଙ୍କ ପକ୍ଷରୁ ବିଭିନ୍ନ ଉପହାର ଓ ଗିଫ୍ଟ ହ୍ୟାମ୍ପର ମଧ୍ୟ ପ୍ରଦାନ କରାଯାଇଥିଲା । ୯୩.୫ ରେଡ୍ ଏଫ୍ ?ଏମ୍ କିଚେନ୍ ପ୍ରିମିଅର୍ ଲିଗ୍ ଭୁବନେଶ୍ୱର-କଟକ ଦ୍ୱୈତନଗରୀର ଏକ ଅତ୍ୟନ୍ତ ଲୋକପ୍ରିୟ ଓ ସମୁଦାୟ-ଭିତିକ ରନ୍ଧନ ପ୍ରତିଯୋଗିତା ଭାବେ ପରିଚିତ ହୋଇପାରିଛି । ଘରୋଇ ମହିଳା, କାର୍ଯ୍ୟରତ ବୁଦ୍ଧିଜୀବୀ ଏବଂ ଖାଦ୍ୟପ୍ରେମୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ରନ୍ଧନ ପ୍ରତିଭାକୁ ଖୋଜି ବାହାର କରିବା ଓ ସମ୍ମାନିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଆବାସିକ ସୋସାଇଟିଗୁଡ଼ିକରେ ଏହି ପ୍ରତିଯୋଗିତାର ଆୟୋଜନ ଦ୍ୱାରା ଏହା ଆଗ୍ରହୀ ଘରୋଇ ଶେଫ୍ ମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବା ଏବଂ ନିଜ ରନ୍ଧନ କୌଶଳ ପ୍ରଦର୍ଶନ କରିବା ପାଇଁ ଏକ ମଂଚ ଯୋଗାଇ ଦେଇଛି । ୨୦୨୬ ସଂସ୍କରଣରେ ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ବିଭିନ୍ନ ହାଉସିଂ ସୋସାଇଟିରୁ ଶତାଧିକ ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଗ୍ରାଣ୍ଡ ଫାଇନାଲ ଏହି ସହରବ୍ୟାପୀ ରନ୍ଧନ ଯାତ୍ରାର ପରିସମାପ୍ତି ଥିଲା, ଯେଉଁଥିରେ ପ୍ରତ୍ୟେକ ଅଂଚଳର ଶ୍ରେଷ୍ଠ ପ୍ରତିଯୋଗୀମାନେ ନିଜ ଦକ୍ଷତାର ପ୍ରଦର୍ଶନ କରିଥିଲେ ।




# ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ଖଇରା(ନିପ୍ର): ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶାର ୨୦୪ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରାଯାଇଥିବା ବେଳେ ଏଥିରେ ଖଇରାର ୪ଟି ବିଦ୍ୟାଳୟକୁ ସାମିଲ କରାଯାଇଛି । ଏଥି ମଧ୍ୟରେ ଜଳଦା ପଂଚାୟତର ତୁଟସ୍ଥିତ କୋଇଲି ସରକାରୀ ୟୁପି ସ୍କୁଲ, ନୟାଖଣ୍ଡି ପଂଚାୟତର ସୁନ୍ଦରପୁରସ୍ଥିତ ନୀଳସୁନ୍ଦରଜୀଉ ସରକାରୀ ହାଇସ୍କୁଲ, ଗଡ ପୋଖରୀ ପଂଚାୟତର ଗଡ ପୋଖରୀ ୟୁପି ସ୍କୁଲ, ରତିଣା ପଂଚାୟତର ପିପି ସରକାରୀ ହାଇସ୍କୁଲ ଅନ୍ତର୍ଭୁକ୍ତ ଥିବା ଜଣାଯାଇଛି । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ତୁଟୋ ବିଦ୍ୟାଳୟରେ ପହଂଚି ଭିତିପ୍ରସ୍ତର ସ୍ଥାପନ କରିବା ଅବସରରେ ଏହି ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ପିଲାମାନଙ୍କୁ ଉଚ୍ଚ ମାନର ଗୁଣାତ୍ମକ ଶିକ୍ଷା ମିଳିପାରିବ ବୋଲି କହିଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଏନପିଏସ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ପ୍ରଧାନଶିକ୍ଷକ ହରିହର ରାଉତ, ଜିଲା ପରିଷଦ ମାନସ କୁମାର ଦାଶ, ଉପେନ୍ଦ୍ର ପାଣିଗ୍ରାହୀ, ସିଆରସିସି ହେମନ୍ତ ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ବିଧାୟକ ଓ ଅଧ୍ୟକ୍ଷା ସୁନ୍ଦରପୁର ହାଇସ୍କୁଲର ଫଳକ ଉନ୍ମୋଚନ କରିଥିବା ବେଳେ ସରପଂଚ ପ୍ରତିନିଧି ହୃଦୟ ବେହେରା, ସମିତିସଭ୍ୟା ପ୍ରତିନିଧି ବିପ୍ଳବ ଦାସ, ପୂର୍ବତନ ସରପଂଚ ମାନସ ମହାପାତ୍ର, ସିଆରସିସି ଦାମୋଦର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ଯଶୋବନ୍ତ ନାଇକି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗଡପୋଖରୀ ୟୁପି ସ୍କୁଲରେ ବିଧାୟକ ଓ ଅଧ୍ୟକ୍ଷାଙ୍କ ଦ୍ୱାରା ଭୁମିପୂଜନ ପରେ ଆୟୋଜିତ ସଭାରେ ଶତ୍ରୁଘ୍ନ ଦାସ, ସମିତିସଭ୍ୟ ଶତ୍ରୁଘ୍ନ ସେଠୀ, ସରପଂଚ ଟିକିରାଣୀ ସେଠୀ, ବସନ୍ତ ସ, ପରେଶ ଦକ୍ଷିଣରାୟ, ଭରତ ଚନ୍ଦ୍ର ଦାସ, ଏସଏମସି ସଭାପତି ଯୋଗେନ୍ଦ୍ର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ରତିଣା ହାଇସ୍କୁଲରେ ଭିତିପ୍ରସ୍ତର ସ୍ଥାପନ ସମାରୋହରେ ପ୍ରଧାନଶିକ୍ଷକ ଶରତ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଧାୟକ ଓ ଅଧ୍ୟକ୍ଷା ନୂତନ ଢାଂଚାର ଶିକ୍ଷାଦାନ ଉପରେ ବକ୍ତବ୍ୟ ରଖିଥିଲେ । ଏସଏମସି ସଭାପତି ରାଧାଶ୍ୟାମ ମହାପାତ୍ର,ମଣ୍ଡଳ ସଭାପତି ସୁମନ୍ତ ଜେନା, ଯୁବମୋର୍ଚ୍ଚା ସଭାପତି ପ୍ରିତିଶ କୁମାର ମାହପାତ୍ର, ପ୍ରାକ୍ତନ ମଣ୍ଡଳ ସଭାପତି ପତିତପାବନ କର, ମନ୍ମଥ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।



# ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ନାଦ ନିନାଦ'ର ଗ୍ରୀଷ୍ମୋତ୍ସବ-୨୦୨୬ ଉଦ୍‌ଯାପିତ

କଟକ(ନିପ୍ର): କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ 'ନାଦ ନିନାଦ' ଅନୁଷ୍ଠାନର ବିଶେଷ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ - 'ଗ୍ରିଷ୍ମୋତ୍ସବ-୨୦୨୬'ର ଉଦଯାପନ ସନ୍ଧ୍ୟାରେ ବହୁ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ କଳାକାରମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ଶିଳ୍ପୀମାନେ ଗଣେଶ ବନ୍ଦନା ଓ ପରେ ପରେ ୧୦ଟି ଥାଟ୍ ଉପରେ ଆଧାରିତ 'ତରାନା ପ୍ରବାହ' ପରିବେଷଣ କରିଥିଲେ । ଏଥିରେ ତବଲାରେ ଯୋଗେନ୍ଦ୍ର ନାଥ ସ୍ୱାଇଁ, ହାର୍ମୋନିୟମ୍‌ରେ ବିଶ୍ୱନାଥ ମିଶ୍ର ଓ ଏ. ନାରାୟଣ ରାଓ ସହଯୋଗ କରିଥିଲେ ଓକାର୍ଯ୍ୟକ୍ରମର ପରବର୍ତ୍ତୀ ସୋପାନରେ ମୁମ୍ବାଇରୁ ଆସିଥିବା ପଣ୍ଡିତ୍ ନିତ୍ୟାନନ୍ଦ ହଳଦୀପୁର୍ ବଂଶୀ ବାଦନ କରି ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ତାଙ୍କ ସହ ତବଲାରେ ଦିଲ୍ଲୀରୁ ଆସିଥିବା ଜିତେନ୍ଦ୍ର କୁମାର ସ୍ୱାଇଁ ସହଯୋଗ କରିଥିଲେ ଓ ଅନ୍ତିମ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ମୀରା ଦାସ ଓ ତାଙ୍କ ସାଥୀ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସଭାକାର୍ଯ୍ୟ ଆରମ୍ଭରେ କଟକ ମହାନଗର ନିଗମର ମେୟର ସୁବାସ ସିଂ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରସନ୍ନ କୁମାର ସ୍ୱାଇଁ ଓ ଦୈନିକ ଖବର କାଗଜ ସମାଜର ମୁଦ୍ରାକର ତଥା ସମ୍ପାଦକ ରାଜେନ୍ଦ୍ର ନାଥ ଜେନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଏ. ମହେଶ୍ୱର ରାଓଙ୍କ ପୌରୋହିତ୍ୟରେ ଏହି ସଭାକାର୍ଯ୍ୟରେ ସମ୍ପାଦକ ନମ୍ରତା ମହାନ୍ତି, ରଞ୍ଜନ କୁମାର ସାହୁ, ସୁଜନ କୁମାର ରାୟଚୌଧୁରୀ, ପ୍ରସନ୍ ଜିତ୍ ପରିଡ଼ା, କାନନ ବାଳା ରାୟଚୌଧୁରୀ, ଅଜୟ କୁମାର ବାରିକ୍, ବିଜୟ କୁମାର ସ୍ୱାଇଁ, ବନବିହାରୀ ଦାସ, ଲଳିତ ତ୍ରିପାଠୀ, ବୁଦ୍ଧାଦିତ୍ୟ ମହାନ୍ତି, ବନଲକ୍ଷ୍ମୀ କାନୁନଗୋ, ବିଜୟଲକ୍ଷ୍ମୀ ପତି, ସବିତା ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ରଶ୍ମୀ କାନୁନଗୋ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ଓ ବିଶିଷ୍ଟ ଉଦ୍‌ଘୋଷକ ବିଚିତ୍ରାନନ୍ଦ ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।





# ଲଖନପୁରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା(ନି.ପ୍ର.) :ଂଚ ଲଖନପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିର ସମାପ୍ତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଅଂଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଏବଂ ଲଖନପୁର ବିଡ଼ିଓ ବିନୟ କୁମାର ପଟେଲ ପ୍ରମୁଖ ସ୍ଥାନୀୟ ଅଂଚଳ ଗସ୍ତ କରି ଭିତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପ୍ରଥମେ କନକତୋରା ଗ୍ରାମପଂଚାୟତର ଝାରଗାଁ ଗ୍ରାମ ଦେଇ ଯାଇଥିବା ଦୟାଡେରା ଠାରୁ ପ୍ରସିଦ୍ଧ 'ଝରନ' ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟନ୍ତ ବିସ୍ତାରିତ ରାସ୍ତାର ନିର୍ମାଣ ସ୍ଥିତି ଅନୁଧ୍ୟାନ କରିଥିଲେ । ପର୍ଯ୍ୟଟକଙ୍କ ଗମନାଗମନ ସୁବିଧା



ପାଇଁ ଏହି ରାସ୍ତାର ଗୁଣବତା ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।ଏହା ପରେ ଜିଲ୍ଲାପାଳ ଓ ବିଡ଼ିଓ କନକତୋରା ଠାରେ ନିର୍ମାଣଧୀନ ରାଜସ୍ୱ ଡାକବଙ୍ଗଳା କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଥିଲେ । ଏହି ଗସ୍ତକ୍ରମରେ ଜିଲ୍ଲାପାଳ କନକତୋରା ସ୍ଥିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାକାର ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ଏହି କେନ୍ଦ୍ରର ପ୍ରସ୍ତୁତି ଏବଂ ଆନୁଷଙ୍ଗିକ ସୁବିଧା ସୁନିଶ୍ଚିତ କରିବାକୁ ସେ ବିଡ଼ିଓ ଶ୍ରୀ ପଟେଲଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରଶାସନର ଏହି କ୍ଷେତ୍ର ପରିଦର୍ଶନ ସମୟରେ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଶିକ୍ଷୟିତ୍ରୀ ବଦଳି ପ୍ରତିବାଦରେ ୩ୟ ଦିନରେ ସ୍କୁଲ ଗେଟରେ ତାଲା ପକାଇ ଧାରଣା

ସୋର, (ନି.ପ୍ର.)ସୋର ବ୍ଲକ ସବିରା ପଂଚାୟତ ସବିରା ସରକାରୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ବିଦ୍ୟାଳୟ ଗେଟରେ ତାଲା ପକାଇ ଗ୍ରାମବାସୀ , କମିଟି ମେମ୍ବର ଏବଂ ଛାତ୍ରଛାତ୍ରୀ ମାନେ ତୃତୀୟ ଦିନରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଏହି ବିଦ୍ୟାଳୟର କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଦାଶଙ୍କର ଅନ୍ୟତ୍ର ବଦଳି ହୋଇଯାଇଛି । ଏହାକୁ ବିରୋଧ କରି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଏବଂ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ତେବେ ଏହି ବଦଳି ଆଦେଶ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ପରିଚାଳନା କମିଟି ସଦସ୍ୟ ଗଜେନ୍ଦ୍ର ଦାସ , ସଭ୍ୟ ଓ ପୂର୍ବତନ ସରପଂଚ ଶୁଶାନ୍ତ ଶିଅଳ ସୂଚନା ଦେଇଛନ୍ତି । ଏ ବାବଦରେ ଏକ ଦାବିପତ୍ର ଗ୍ରାମବାସୀଙ୍କ ତରଫରୁ ଡିଇଓ ବାଲେଶ୍ୱର , ସାଂସଦ ଅଭିମନ୍ୟୁ ସେଠୀ ଓ ସୋର ବିଧାୟକ ମାଧବ ଧଡ଼ାଙ୍କୁ ଗ୍ରାମବାସୀ ମାନେ ପ୍ରଦାନ କରିଛନ୍ତି ।

## ରଥଯାତ୍ରାରେ ଏଲ ଇ ଡି ଟିଭି ବ୍ୟବସ୍ଥା ପାଇଁ ଭୂମି ପୂଜନ ଅନୁଷ୍ଠିତ

ପୁରୀ (ନି.ପ୍ର.)ଚଳିତ ରଥଯାତ୍ରା ରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ସରକାରଙ୍କ ସୂଚନା ଓ ଲାଗି ସମ୍ପର୍କ ବିଭାଗ ପକ୍ଷରୁ ବଡଦାଣ୍ଡ ସହ ଜିଲ୍ଲା ଓ ଜିଲ୍ଲା ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଲଇଡି ଟିଭି ର ବ୍ୟବସ୍ଥା କରାଯାଉଛି ।ଲାଗିବାକୁ ଥିବା ୬୫ ଗୋଟି ଏଲ ଇ ଡି ଟିଭି ଦାୟିତ୍ୱ ନେଇଥିବା ଓଟିମୋ ଭିଜୁଆଲସ ସଂସ୍ଥା ସ୍ଥାପନ ସହ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ।ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱ ଦ୍ୱାର କୌଶଲ୍ୟା ଦାସ ମଠ ନିକଟରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଭୂମି ପୂଜନ କରିଥିଲେ ।କାର୍ଯ୍ୟକ୍ରମ ରେ କୌଶଲ୍ୟା ଦାସ ମଠ ମହନ୍ତ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଟିମୋ ଭିଜୁଆଲସ ର ମୁଖ୍ୟ ବି କେ ସ୍ୱାଇଁ,କୋର୍ଡିନେସର ମ୍ୟାନେଜର ସୁଶୀଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ବ୍ରହ୍ମପୁର ଗଞ୍ଜାମ ଲକ୍ଷ୍ୟ ନିକେତନରେ 'ସ୍ପେସାଲ ଇଂଟେନସିଭ୍ ରିଭିଜନ୍ (SIR) ୨୦୨୬' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବ୍ରହ୍ମପୁର(ନି.ପ୍ର.): ବ୍ରହ୍ମପୁର ସ୍ଥିତ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗଞ୍ଜାମ ଲକ୍ଷ୍ୟ ନିକେତନ (ଏଖଘ) ପରିସରରେ 'ସ୍ପେସାଲ ଇଟେ୍ନସିଭ୍ ରିଭିଜନ୍' (ଝଓଜ) ୨୦୨୬ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଭୋଟର ସଚେତନତା କାର୍ଯ୍ୟକ୍ରମ ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପ-ଜିଲ୍ଲାପାଳ (ସବ୍-କଲେକ୍ଟର), ଅତିରିକ୍ତ ଉପ-ଜିଲ୍ଲାପାଳ, ବ୍ରହ୍ମପୁର ତହସିଲଦାର ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ଅବସରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଜିଏଲଏନ୍ (ଏଖଘ) ର ଛାତ୍ରଛାତ୍ରୀମାନଙ୍କ ସହ ସ୍ପେସାଲ ଇଟେ୍ନସିଭ୍ ରିଭିଜନ୍ ପ୍ରକ୍ରିୟା ଉପରେ ସିଧାସଳଖ ଆଲୋଚନା କରିଥିଲେ । ଆଗାମୀ ନିର୍ବାଚନ ପରିଚାଳନା ଏବଂ ଝଓଜ ୨୦୨୬ କୁ ସଫଳ କରିବାରେ




ଯୁବ ସମାଜ ତଥା ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ । ଏଥିସହ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ଥାନୀୟ ଅଂଚଳରେ ଭୋଟର ସଚେତନତାର ବାର୍ତ୍ତା ବାହକ (ଅମ୍ବାସଡର) ସାଜିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ (ଇଖଢ) ମାନଙ୍କୁ ସକ୍ରିୟ ସହଯୋଗ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା ।କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ 'ସ୍ପେସାଲ ଇଟେ୍ନସିଭ୍ ରିଭିଜନ୍' ପ୍ରକ୍ରିୟାର ସାମ୍ବିଧାନିକ ବ୍ୟବସ୍ଥା, ଆଇନଗତ ଆଭିମୁଖ୍ୟ ଏବଂ ସମ୍ପୃକ୍ତ ନିର୍ବାଚନ ଆଇନ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା (ପ୍ରେଜେ୍ସନ୍) ପ୍ରଦାନ କରାଯାଇଥିଲା । ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସଠିକ୍, ସ୍ୱଚ୍ଛ ତଥା ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତ କରିବାରେ ସମସ୍ତଙ୍କ ସହଭାଗିତାକୁ ନିଶ୍ଚିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଏହି ସଚେତନତା ସଭାରେ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ବେଶ୍ ଉତ୍ସାହର ସହ ଭାଗ ନେଇଥିଲେ । ଆଗାମୀ ଦିନରେ ଏହି ଜନସଚେତନତା ଅଭିଯାନକୁ ବ୍ୟାପକ କରିବା ସହ ଝଓଜ ୨୦୨୬ ର ସଫଳତା ପାଇଁ ସେମାନେ ନିଜର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

# ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡ଼ା (ନି.ପ୍ର) ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁରମୀ ସୋରେନ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦିଲ୍ଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଶିବିର ଆରମ୍ଭରେ ଜିଲ୍ଲାପାଳ ପୂର୍ବ ଅଭିଯୋଗ ଶୁଣାଣିରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ଫଇସଲା ସ୍ଥିତି ସମୀକ୍ଷା କରିଥିଲେ । ବିଚାରଧୀନ ରହିଥିବା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଆଜିର ଶିବିରରେ ୫୧ଗୋଟି ବ୍ୟକ୍ତିଗତ ଓ ୧୨ଟି ଗୋଷ୍ଠୀଗତ ଅଭିଯୋଗ ସମେତ ମୋଟ ୬୩ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ଜିଲ୍ଲାପାଳ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ



ନିର୍ଦ୍ଦେଶ ପ୍ରଦାନ କରିଥିଲେ ।ଚଳିତ ରବି ଧାନ କ୍ରୟ ସମ୍ପର୍କରେ ସମୀକ୍ଷା କରି ଜିଲ୍ଲାପାଳ କହିଥିଲେ ଯେ, ଚାଷୀଙ୍କ ନାମରେ ଧାନକୁ ସିଧାସଳକ ମିଲର ପଏ୍କୁ ନିଆଯିବା ଭଳି ଅନିୟମିତତା ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଧାନ କ୍ରୟ କାର୍ଯ୍ୟ ସଫଳ କରିବା ସମସ୍ତ ବିଭାଗର ସାମୂହିକ ଦାୟିତ୍ୱ ବୋଲି ସେ କହିଥିଲେ । ବର୍ଷାକୁ ନେଇ ଚାଷୀମାନେ ଭୟଭୀତ ନ ହେବାକୁ ପରାମର୍ଶ ଦେଇ ସେ କହିଥିଲେ ଯେ, ସରକାରଙ୍କ ନୀତି ଅନୁଯାୟୀ ସମସ୍ତ ଧାନ କ୍ରୟ କରାଯିବ । ଧାନ ସୁରକ୍ଷା ପାଇଁ ଖଡ଼ିଆଳ ରୋଡ଼ ଆରଏମସି ଅଧୀନରେ ପର୍ଯ୍ୟାପ୍ତ ପରିମାଣର ପଲିଥିନ୍ ସିଟ୍ ଉପଲବ୍ଧ ରହିଛି ବୋଲି ସେ ସୂଚନା ଦେଇଥିଲେ ।ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ସମସ୍ତ ଲାଇନ୍ ବିଭାଗ ନିଜ ନିଜ ବିଭାଗର ସଫଳତା, ଉପଲବ୍ଧି ଓ କାର୍ଯ୍ୟକ୍ରମ ସମ୍ପର୍କିତ ଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଏହି ଅବସରରେ ମନଗୋବନ୍ଦ ମଙ୍ଗରାଜ, ସୁମିତ୍ରା ମାଝୀ ଓ ଯୁଧିଷ୍ଠିର ମାଝୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଏବଂ ରାହୁଲ ପଣ୍ଡାଙ୍କୁ ୧୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା ।ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୁ ସୁନାନୀ (ବାବେବିର), ଟଙ୍କଧର ରଣା (ବୋଡ଼େନ) ଏବଂ କୃତିବାସ ପଟେଲ (ଲର୍କା)ଙ୍କୁ 'ସ୍ୱଚ୍ଛ ଦୂତ' ପୁରସ୍କାର ପ୍ରଦାନ କରାଯାଇଥିଲା ।ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ବୋଡ଼େନ ବିଡିଓ ଚିନ୍ମୟ ସାଗର ଏବଂ ତହସିଲଦାର ସରିତା ଗୁପ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସାଧାରଣ ଲୋକ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ସପ୍ତମ ଜିଲ୍ଲାସ୍ତରୀୟ ଇଜତେମା ଉଦ୍ଯାପିତ

ସାଲେପୁର:ସାଲେପୁର ଉପକଣ୍ଠ କୁସମ୍ବୀ ଅହମଦିୟା ମୁସଲିମ ଜାମା ମସଜିଦ ପ୍ରାଙ୍ଗଣରେ ସପ୍ତମ ଜିଲ୍ଲାସ୍ତରୀୟ ମଜଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମଦିୟା କଟକ, ଢେଙ୍କାନାଳ ଓ କେନ୍ଦ୍ରାପଡାର ବାର୍ଷିକ ଇଜତେମା ଉଦଯାପିତ ହୋଇଛି । ଏହି ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ଅଖିଳ ଭାରତ ମଜଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ । ପବିତ୍ର କୋରାନ ପାଠ ଆବିଦୁର ରହମାନ କରିଥିଲେ । ମଜଲିସ ଖୁଦ୍ଦାମୁଲ ଅହମଦିଆର ଶପଥ ପାଠ ଅଖିଳ ଭାରତ ମଜଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ କରାଇଥିଲେ । ଉର୍ଦ୍ଦୁ ନଜମ ସଂଗୀତ ଶେଖ ୟୁସୁଫ ପରିବେଷଣ କରିଥିଲେ । କୁସମ୍ବୀ- ସୁଙ୍ଗୁଡା ଗ୍ରାମର ଅହମଦିୟା ଜାମା ମସଜିଦକୁ ୧୦୦ ବର୍ଷ ପୂର୍ତୀ ଅବସରରେ ମୌଲାନା ମକସୁଦ ଅଲ୍ଲି ମସଜିଦ ଓ ସଂଗଠନର ଇତିହାସ ଉପରେ ଆଲୋକପାତ କରିଥିଲେ । ସଭାପତି ଇଜତେମା କମିଟି ଶେଖ ଅନସ ଅହମଦ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତିତ୍ୱ ଭାଷଣରେ ଅଖିଳ ଭାରତ ମଜଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ କହିଲେ, ଏକାଗ୍ରତା ଓ କଠିନ ପରିଶ୍ରମ ହିଁ ସଫଳତା ଆଣିଥାଏ । ଏହି ଦୁଇ ଦିବସରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହେବା ସହ ଧାର୍ମିକ ପ୍ରତିଯୋଗିତାରେ ପବିତ୍ର କୋରାନ ପାଠ, ଉର୍ଦ୍ଦୁ ଓ ଓଡିଆ ନଜମ, ବକ୍ତୃତା, କୁଇଜ, ଦେଖ ଓ ଲେଖ, ଲିଖିତ ପରିକ୍ଷା ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାର ଫଳାଫଳ ଓ ବାର୍ଷିକ କାର୍ଯ୍ୟରୋପୋର୍ଟ ଆଧାର ଅନୁଯାୟୀ ଚଳିତ ବର୍ଷ ମଜଲିସ ଖୁଦ୍ଦାମୁଲ ଅହମଦିୟା ପଙ୍କାଳ ଜିଲ୍ଲା ଚାମ୍ପିଆନ ହୋଇଛି । ଏହି ପ୍ରତିଯୋଗିତାରେ ବିଚାରପତି ଭାବେ ଜିଲ୍ଲା କଟକ, ଢେଙ୍କାନାଳ ଓ କେନ୍ଦ୍ରାପଡାର ଜିଲ୍ଲା ମୌଲାନା ଇନଚାର୍ଜ ଶେଖ ଇସହାକ, କଟକ ସହରର ମୌଲାନା ଫଜଲ ହକ ଖାନ, ଢେଙ୍କାନାଳର ମୌଲାନା ଅକବର ଖାଁ, ବାଙ୍କୀ-ନରଗାଙ୍ଗର ମୌଲାନା ଇଫତେଖାର ଅହମଦ ଖାଁ, କରଡାପଲ୍ଲୀର ମୌଲାନା କରାମତ ଅହମଦ, ଓକଫେ ଜଦିଦ ପ୍ରତିନିଧି କମାଲୁଦ୍ଦିନ ଖାଁ, ମୌଲାନା ସୟଦ ଫଜଲେ ନଇମ, ମୌଲାନା ଅବଦୁର ରହମାନ ଦର୍ଦ୍ଦ, ସୁଙ୍ଗୁଡାର ମୌଲାନା ମକସୁଦ ଅଲ୍ଲି ଏବଂ ସୟଦ ଅତାଉଲ ଓହାବ ଯୋଗ ଦେଇଥିଲେ ।

## 'ବ୍ରହ୍ମପୁର ଜୋନ ରେ ସି.ଏମ୍ କପ ୨୦୨୬ କବାଡ଼ି ଓ ଫୁଟବଲ ଚାମ୍ପିୟନସିପ ଉଦ୍ଯାପନୀ ଉତ୍ସବ ପାଳିତ

ବ୍ରହ୍ମପୁର(ନି.ପ୍ର.) : ଚଳିତ ମାସ ୧ ତାରିଖ ଠାରୁ ସି.ଏମ୍ କପ ଫୁଟବଲ ଚାମ୍ପିୟନଶପ ବ୍ରହ୍ମପୁର ଜୋନ ରେ ଆରମ୍ଭ ହୋଇଥିଲା । ଏହି ଟୁର୍ନାମେ୍ ରେ ୮ଗୋଟି ଜିଲ୍ଲା ଭାଗ ନେଇଥିଲେ ଯଥା : ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ରାୟଗଡା, ଗଞ୍ଜାମ ଓ ଗଜପତି ଅନ୍ତଃ ୧୪ ବର୍ଷୀୟ ଉଭୟ ବାଳକ ଓ ବାଳିକା ଦଳ । ଏହି ଚାମ୍ପିୟନସିପ ରେ ଜୋନାଲ ବିଜେତା ହୋଇଛି ନବରଙ୍ଗପୁର ବାଳକ ଦଳ ଓ ଉପ – ବେଜେତା କନ୍ଧମାଳ ବାଳକ ଦଳ ଏବଂ ବାଳିକା ଦଳ ରେ ନବରଙ୍ଗପୁର ଦଳ ବିଜୟୀ ହୋଇଛନ୍ତି ଓ ଉପ – ବେଜେତା ହୋଇଛିଛନ୍ତି



ଗଜପତି ବାଳିକା ଦଳ । ସେହିଭଳି କବାଡି ଚାମ୍ପିୟନସିପ ରେ ବ୍ରହ୍ମପୁର ଜୋନ ରୁ ଗଞ୍ଜାମ ବାଳକ ଦଳ ଓ ବାଳିକା ଦଳ ଜୋନାଲ ବିଜେତା ହୋଇଥିଲେ ଏବଂ କନ୍ଧମାଳ ବାଳକ ଦଳ ଓ କଳାହାଣ୍ଡି ବାଳିକା ଦଳ ଉପ – ବେଜେତା ହୋଇଛି ଥିଲେ । ଏହି ଉଦଯାପନୀ ଉତ୍ସହବ ରେ ମୁଖ୍ୟ ଅତିଥି ଭାବେ କେ.ଅନିଲ କୁମାର ବ୍ରହ୍ମପୁର ବିଧାୟକ ଯୋଗଦେଇଥିଲେ ଏବଂ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ର ସଦସ୍ୟ ଯଥା : ଶ୍ରୀ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି. ଡ଼ି. ଆପ୍ପା ରାଓ, ଡ଼ି. ଡ଼ି. ଗନ୍ତାୟତ, ପ୍ରମୋଦ ମହାରଣା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ରାଜ ନାରାୟଣ ପାତ୍ର, ସୀତାରାମ ତ୍ୱେରତା, ଜି. ଏମ ବାବୁ, ବିଜୟ କୁମାର ପଟନାୟକ, ଦୁର୍ଗା ପଟନାୟକ, ଏବଂ ଜିଲ୍ଲା ର ବରିଷ୍ଠ ଖେଳାଳି ମାନେ ଯୋଗ ଦେଇଥିଲେ ବୋଲି ଜେ. କାମେଶ୍ୱର ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି ।

# କେନ୍ଦ୍ରାପରା ବିଇଓଙ୍କୁ ଏବିଇଓ ସ୍ୱାମୀଙ୍କ ଧମକ

କେନ୍ଦ୍ରାପଡ଼ା,:କେନ୍ଦ୍ରାପଡା ମଣ୍ଡଳଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେଇଛନ୍ତି ସହକାରୀ ମଣ୍ଡଳଶିକ୍ଷାଧିକାରୀ ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ସ୍ୱାମୀ ସୁକାନ୍ତ ଦ୍ୱିବେଦୀ । ଶ୍ରୀ ଦ୍ୱିବେଦୀ ବିଇଓ ଶ୍ରୀ ମନ୍ତ୍ରୀଙ୍କ ପାଟିରେ ବନ୍ଧୁକ ପୁରାଇ ଏବଂ ଟ୍ରକ ଚଢାଇ ମାରିଦେବାକୁ ଧମକ ଦେଇଥିବା ସମ୍ପର୍କରେ ବିଇଓ ଶ୍ରୀ ମନ୍ତ୍ରୀଙ୍କ ସମେତ ତାଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଅଭିଯୋଗରୁ ପ୍ରକାଶ ଯେ ଶ୍ରୀ ଦ୍ୱିବେଦୀଙ୍କ ପତ୍ନୀ ସହକାରୀ ଶିକ୍ଷାଧିକାରୀ ଶ୍ରୀମତୀ ପଣ୍ଡାଙ୍କ ଛୁଟୀ ଦରଖାସ୍ତକୁ କେନ୍ଦ୍ରାପଡା ବିଇଓ ନାମଞ୍ଜୁର କରିଥିବାରୁ ଏଥିରେ ଉକ୍ଷିପ୍ତ ହୋଇ ଶ୍ରୀ ଦ୍ୱିବେଦୀ ବିଇଓଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି । ଏଥିସହିତ ସ୍ୱାସ୍ଥ୍ୟଗତ କାରଣରୁ ଛୁଟୀ ନେଇଥିବାରୁ ସେ କାର୍ଯ୍ୟକରିବାକୁ ଅକ୍ଷମ ବୋଲି ତାଙ୍କୁ ମେଡିକାଲ ବୋର୍ଡକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଲେଖିବା କ୍ଷମତା ବିଇଓଙ୍କର ନାହିଁ ବୋଲି ଶ୍ରୀ ଦ୍ୱିବେଦୀ କହିବା ସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଶ୍ରୀମତୀ ପଣ୍ଡା ସ୍ୱାସ୍ଥ୍ୟଗତ କାରଣରୁ ବିନା ଡାକ୍ତର ସାର୍ଟିଫିକେଟରେ ୩ମାସ ଛୁଟୀ ନେଇଥିଲେ । ଏହାପରେ ସେ ସେଚ୍ଛାକୃତ ଅବସର ଗ୍ରହଣ କରିବାକୁ ଏକ ତିନିମାସିଆ ନୋଟିସ ଦେଇଥିଲେ । ତାଙ୍କର ଉଭୟ ଦରଖାସ୍ତ ଆଇନଗତ ଭାବେ ନାମଞ୍ଜୁର ହୋଇଯାଇଥିବା ଜାଣିବା ପରେ ଶ୍ରୀ ଦ୍ୱିବେଦୀ ଏଥିରେ ଉକ୍ଷିପ୍ତ ହୋଇ ଗତ ୫ତାରିଖରେ ଜୋରଜବରଦସ୍ତ ବିଇଓଙ୍କ କାର୍ଯ୍ୟାଳୟରେ ପଶି ବିଇଓଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାବରେ ଗାଳିଗୁଲଜ କରିବା ସହ ପାଟିରେ ବନ୍ଧୁକ ପୁରାଇ ଏବଂ ଟ୍ରକ ଚଢାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏସମସ୍ତ ଘଟଣା ବିଇଓଙ୍କ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିବା ଜଣାପଡିଛି । ଏହି ଘଟଣା ସମୟରେ କେନ୍ଦ୍ରାପଡା ବିଇଓଙ୍କ କାର୍ଯ୍ୟାଳୟର ୨ଜଣ ସହଶିକ୍ଷାଧିକାରୀ ଓ ଡେରାବିଶ



ବିଇଓଙ୍କ କାର୍ଯ୍ୟାଳୟର ଜଣେ ବିଆରସିସି ଉପସ୍ଥିତ ଥିଲେ । ଜଣେ ସରକାରୀ ଅଧିକାରୀଙ୍କୁ କାର୍ଯ୍ୟରତ ସମୟରେ ଅଫିସ ମଧ୍ୟରେ ପଶି ଜୀବନରେ ମାରିଦେବାକୁ ଧମକ ଦେବା ଘଟଣା ଖୋଲାଖୋଲି ଭାବେ ଆଇନକୁ ଚ୍ୟାଲେଞ୍ଜ ଦେବା ସହ ସମାନ ବୋଲି ବୁଦ୍ଧିଜିବୀମାନେ କହିଛନ୍ତି । ଆଜି ବିଇଓ ଶ୍ରୀ ମନ୍ତ୍ରୀଙ୍କ ସମେତ ଏବିଇର ତଥା ବିଆରସିସି ବଳଦେବ ଜେନା, ଏବିଇଓ ରଞ୍ଜନ କୁମାର ରାଉତରାୟ, କାର୍ଯ୍ୟାଳୟ କର୍ମଚାରୀ ବିଜ୍ଞାନକିଶୋର ମହାପାତ୍ର, ନବକିଶୋର ଦାସ, ସୁଦ୍ଧାନାରାୟଣ ବିଶ୍ୱାଳ, ସୁଜିତ କୁମାର ରାଉତ, ପ୍ରମୋଦ କୁମାର ମଲ୍ଲ, ପ୍ରିୟଙ୍କା ଭଦ୍ର, ଶୁଭଶ୍ରୀ ପ୍ରିୟଦର୍ଶିନୀ ଜେନା, ନୁରଜାହାନ ବାଳା ନାୟକ, ମାନସରଞ୍ଜନ ଜେନା ଓ ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଷ୍ଟାଫ କମିଟି ରେଜୁଲେସନ ସହ ଅଭିଯୋଗ ପ୍ରଦାନ କରିଥିଲେ ।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଚିଲିକା ବ୍ଲକରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ



ଖୋର୍ଦ୍ଧା : ଆଜି ପୂର୍ବାହ୍ନରେ ଚିଲିକା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାଣିକସ୍ମିଥ ପୁରୁଷୋତମ ଦାସ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି କ୍ଷ ଉକ୍ତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଂଚାୟତ ସମିତି ଅଧକ୍ଷା ଜ୍ୟୋସ୍ନା ରାଣୀ ବେହେରା, ଉପାଧକ୍ଷ, ଅରୁଣ କୁମାର ପଟ୍ଟନାୟକ, ମାନ୍ୟବର ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ, ଓଡ଼ିଶା ସରକାର ଙ୍କ ଓ ଏସ ଡି , ରୋଷନ ଶତପଥୀ,ମାନ୍ୟବର ସାଂସଦ, ପୁରୀଙ୍କ ପ୍ରତିନିଧି, ଦୀନବନ୍ଧୁ ସାହୁ,ଆସିଷ୍ଟା୍ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର , ଚିଲିକା ବ୍ଲକ ଉନ୍ନୟନ ଅଧିକାରୀ ପୁନମ ମହାପାତ୍ର, ତହସିଲଦାର କାହ୍ନୁ ଚରଣ ଘଡ଼ାଇ,ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ କ୍ଷ ଆଜିର ଅଭିଯୋଗ ଶିବିରକୁ ମୋଟ ୫୩ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୪୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୯ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା କ୍ଷ ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ କ୍ଷ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେ୍ ଅଧିକାରୀ, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ଦିଗପହଣ୍ଡି ସଡ଼କ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଗଞ୍ଜାମ: ଦିଗପହଣ୍ଡି ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମିଳିବ ୪ ଲକ୍ଷ ଟଙ୍କା ସହାୟତା । ଗଞ୍ଜାମ ଜିଲା ଦିଗପହଣ୍ଡି ଅଂଚଳରେ ଘଟିଥିବା ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦୁଇ ଜଣଙ୍କ ପରିବାର ପାଇଁ ରାଜ୍ୟ ସରକାର ସହାୟତା ଘୋଷଣା କରିଛନ୍ତି । ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ଦୁର୍ଘଟଣାରେ କାଲି ଜଣେ ଓ ଆଜି ଜଣଙ୍କର ମୃତ୍ୟୁ ହୋଇଛି । ମହେନ୍ଦ୍ରଗିରି ମେଳା ଦେଖି ଫେରିବା ବେଳେ ଦୁର୍ଘଟଣା ଘଟିଥିଲା । ସୂଚନା ଅନୁଯାୟୀ, ମହେନ୍ଦ୍ରଗିରି ମେଳା ଦେଖି ଫେରୁଥିବା ବେଳେ ଦିଗପହଣ୍ଡି ଅଂଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା । ଏଥିରେ ଏକାଧିକ ଲୋକ ଆହତ ହୋଇଥିବା ବେଳେ ଗତକାଲି ଜଣେ ଏବଂ ଆଜି ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କର ମୃତ୍ୟୁ ଘଟିଥିଲା । ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ରାଜ୍ୟ ସରକାର । ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦୁଇ ଜଣଙ୍କ ନିକଟତମ ପରିବାର ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରାଯାଇଛି । ସେହିପରି ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି ।

# ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଦେଶର ଏକାଧିକ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା



ଭୁବନେଶ୍ୱର: ଦେଶରେ ଏବେ ଆକ୍ଟିଭ୍ ମୋଡ୍‌ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । କେରଳ ଉପକୂଳ ଛୁଇଁବା ପରେ ଏବେ ଦ୍ରୁତ ଗତିରେ ଆଗକୁ ବଢୁଛି ମନ୍‌ସୁନ୍ । ଭାରତୀୟ ପାଣିପାଗ ବିଭାଗ, IMD ର ସୂଚନା ଅନୁସାରେ, ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଦେଶର ଏକାଧିକ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷ କରି ଦକ୍ଷିଣ ଭାରତର ୫ଟି ପ୍ରମୁଖ ରାଜ୍ୟ ପାଇଁ ଜାରି ହୋଇଛି ହାଇ ଆଲର୍ଟ । କେତେକ ଜିଲ୍ଲା ପାଇଁ ଅରେଞ୍ଜ ତ ଆଉ କେଉଁଠି ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ସାରା ଦେଶକୁ ଭିଜାଇବାକୁ ମାଡ଼ି ଆସୁଛି ମୌସୁମୀ । ଗତ ବର୍ଷ ତୁଳନାରେ ଚଳିତ ବର୍ଷ କେରଳ ଉପକୂଳକୁ ମୌସୁମୀ ସାମାନ୍ୟ ବିଳମ୍ବରେ ଛୁଇଁଥିଲେ ସୁଦ୍ଧା, ଏବେ ଏହାର ସକ୍ରିୟତା ବେଶ୍ ବଢ଼ିବାରେ ଲାଗିଛି । ଆସନ୍ତା ଏକ ସପ୍ତାହ ମଧ୍ୟରେ କେରଳ, କର୍ଣ୍ଣାଟକ, ତାମିଲନାଡୁ, ପୁଡୁଚେରୀ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ବ୍ୟାପକ ବର୍ଷା ଦେଖିବାକୁ ମିଳିବ । ପାଣିପାଗ ବିଭାଗର ଆକଳନ ଅନୁସାରେ, କେରଳ ଏବଂ କର୍ଣ୍ଣାଟକର ଅଧିକାଂଶ ଭାଗରେ ମଧ୍ୟମରୁ ପ୍ରବଳ ବର୍ଷା ଜାରି ରହିବ । ଆଇଟି ସିଟି ବେଙ୍ଗାଲୁରୁ ଏବଂ ଏହାର ଆଖପାଖ ଅଂଚଳରେ ମଧ୍ୟ ପାଣିପାଗରେ ବଡ଼ ପରିବର୍ତ୍ତନ ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହାଫଳରେ ତାପମାତ୍ରା ହ୍ରାସ ପାଇବା ସହ ସ୍ଥାନୀୟ ଅଂଚଳରେ ଶୀତଳ ପବନ ବହିବ । ଅପରପକ୍ଷରେ ତାମିଲନାଡୁ ଏବଂ ପୁଡୁଚେରୀ ପାଇଁ ମଧ୍ୟ ଆଲର୍ଟ ଜାରି କରାଯାଇଛି । ଜୁନ୍ ୮ ରୁ ୧୦ ତାରିଖ ମଧ୍ୟରେ ଉପକୂଳବର୍ତ୍ତୀ ଅଂଚଳରେ ପ୍ରବଳ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି ।



# ଆସନ୍ତା ୨୩ ରେ ୬୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁନ୍ ୨୩ ତାରିଖରେ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ନାଗରିକ ଅଳଙ୍କରଣ ସମାରୋହରେ ଚଳିତ ବର୍ଷର ୬୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ । ରାଷ୍ଟ୍ରପତି ଏହା ପୂର୍ବରୁ ମଇ ୨୫ ତାରିଖରେ ପ୍ରଥମ ନାଗରିକ ଅଳଂକରଣ ସମାରୋହରେ ୬୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ । ସେଥି ମଧ୍ୟରୁ ୨ଟି ପଦ୍ମ ବିଭୂଷଣ, ୬ଟି ପଦ୍ମ ଭୂଷଣ ଏବଂ ୫୮ଟି ପଦ୍ମଶ୍ରୀ ପୁରସ୍କାର ରହିଛି । ଚଳିତ ବର୍ଷ ରାଷ୍ଟ୍ରପତି ପାଂଚଟି ପଦ୍ମ ବିଭୂଷଣ, ୧୩ଟି ପଦ୍ମ ଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ସମେତ ମୋଟ୍ ୧୩୧ଟି ପଦ୍ମ ପୁରସ୍କାରକୁ ଅନୁମୋଦନ କରିଥିଲେ । ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଇଥାଏ । କଳା, ସାମାଜିକ କାର୍ଯ୍ୟ, ସାର୍ବଜନୀନ ବ୍ୟାପାର, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ବାଣିଜ୍ୟ ଏବଂ ଶିଳ୍ପ, ଚିକିତ୍ସା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା ଓ ନାଗରିକ ସେବା ଭଳି ବିଭିନ୍ନ କ୍ଷେତ୍ରରେ ଏହି ସମ୍ମାନଜନକ ନାଗରିକ ସମ୍ମାନ ପ୍ରଦାନ କରାଯାଇଥାଏ ।

# ପ୍ରକୃତି ସହିତ ସନ୍ତୁଳନ ଏବଂ ସମସ୍ତ ଜୀବଜନ୍ତୁଙ୍କ କଲ୍ୟାଣ ଉପରେ ସ୍ଥାୟୀ ବିକାଶର ବାର୍ତ୍ତା ପ୍ରଦାନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ପ୍ରକୃତି ସହିତ ସନ୍ତୁଳନ, ପରିବେଶ ସଂରକ୍ଷଣ ଏବଂ ସମସ୍ତ ଜୀବଜନ୍ତୁଙ୍କ କଲ୍ୟାଣକୁ ଭାରତୀୟ ସଂସ୍କୃତିର ମୂଳ ଆତ୍ମା ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଏହି ବ୍ୟାପକ ଦୂରଦୃଷ୍ଟି ସହିତ ଭାରତ ଆଜି ପ୍ରଗତି ଏବଂ ସମୃଦ୍ଧି ପଥରେ ଦ୍ରୁତ ଗତିରେ ଆଗକୁ ବଢୁଛି । ପ୍ରଧାନମନ୍ତ୍ରୀ ସୋମବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ ପ୍ରକୃତି ସହିତ ସନ୍ତୁଳନ ରକ୍ଷା କରି ସମସ୍ତ ଜୀବଜନ୍ତୁଙ୍କ କଲ୍ୟାଣ ସୁନିଶ୍ଚିତ କରିବା ହେଉଛି ଆମ ସଂସ୍କୃତିର ମୂଳଦୁଆ । ଏହି ଧାରଣାକୁ ରେଖାଙ୍କିତ କରିବା ପାଇଁ ସେ ଏକ ସଂସ୍କୃତ ପ୍ରବାଦ ମଧ୍ୟ ସେୟାର କରିଛନ୍ତି । ଏହି ଅଭିବ୍ୟକ୍ତିର ଅର୍ଥ ହେଉଛି ଏକ ସମୃଦ୍ଧି ଏବଂ ଶକ୍ତି ଯାହା ଚାରି ଦିଗ ପରି ପ୍ରଶସ୍ତ ଏବଂ ଦୃଷ୍ଟି ପରି ସତର୍କ ଏବଂ ଦୂରଦୃଷ୍ଟିସମ୍ପନ୍ନ । ଏହାର ବାର୍ତ୍ତା ହେଉଛି ଯେ ମଣିଷ ପ୍ରକୃତି ସହିତ ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ରଖି ଆଗକୁ ବଢ଼ିବା ଉଚିତ, ପରିବେଶର ସୁରକ୍ଷା କରିବା ଉଚିତ ଏବଂ ସମସ୍ତ ଜୀବଜନ୍ତୁଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଉଚିତ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତର ପ୍ରଗତି କେବଳ ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ସୀମିତ ନାହିଁ, ବରଂ ଏହା ପରିବେଶ ସୁରକ୍ଷା ଏବଂ ସମସ୍ତ ପ୍ରାଣୀଙ୍କ ନିରନ୍ତର କଲ୍ୟାଣ ଭାବନା ଉପରେ ଆଧାରିତ ।

# ଏସଆଇଆର:୧୦ ଦିନରେ ୨ କୋଟି ୭୦ ଲକ୍ଷରୁ ଅଧିକ ଭୋଟରଙ୍କୁ ଫର୍ମ ବଂଟନ ଶେଷ




ଭୁବନେଶ୍ୱର : ରାଜ୍ୟରେ ଚାଲିଥିବା ସ୍ପେଶାଲ ଇଂଟେନସିଭ୍ ରିଭିଜନ (ଏସ ଆଇ ଆର) ବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏକ ପ୍ରଶଂସନୀୟ ମାଇଲଖୁଂଟ ହାସଲ କରିଛି । ମାତ୍ର ୧୦ ଦିନର ସ୍ୱଳ୍ପ ଅବଧି ମଧ୍ୟରେ ରାଜ୍ୟର ୨ କୋଟି ୭୦ଲକ୍ଷରୁ ଅଧିକ ଭୋଟରଙ୍କ ପାଖରେ ଫର୍ମ ପହଂଚାଇବାରେ ନିର୍ବାଚନ ପ୍ରଶାସନ ସଫଳ ହୋଇଛି । ସୋମବାର ସୁଦ୍ଧା ରାଜ୍ୟର ସମୁଦାୟ ଭୋଟରଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକଙ୍କୁ ଏହି ଫର୍ମ ବଂଟନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଭୋଟର ସୂଚୀକୁ ଅଧିକ ସ୍ୱଚ୍ଛ, ସତେଜ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟବ୍ୟାପୀ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଏହି ପ୍ରକ୍ରିୟାରେ ବିଏଲ୍‌ଓ ମାନେ ଘରକୁ ଘର ବୁଲି ଫର୍ମ ସଂଗ୍ରହ ଓ ବଂଟନ କରୁଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ‘ଭୋଟରମାନଙ୍କ ମଧ୍ୟରେ ସଚେତନତା ଏବଂ ପ୍ରଶାସନିକ ଦଳର ନିଷ୍ଠା ଯୋଗୁଁ ଏତେ କମ୍ ସମୟ ମଧ୍ୟରେ ଏହି ସଫଳତା ମିଳିଛି । ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍‌ଓଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି । ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ । ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭୋଟରମାନେ ଚାହିଁଲେ ବିଏଲ୍‌ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ । ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍‌ଓଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି ।

# ୧୦ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ



ଭୁବନେଶ୍ୱର : ଆଜି ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୧ତମ ବୈଠକ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରମତୀ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ବୈଠକରେ ୫ ଟି ବିଭାଗର ୧୦ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଶିଳ୍ପ ବିଭାଗର ୨ଟି, ଗୃହ ଓ ନଗର ଉନ୍ନୟନ ବିଭାଗର ୪ ଟି, ଜଳ ସମ୍ପଦ ବିଭାଗର ୨ଟି, ରାଜସ୍ୱ ୧ଟି, ପର୍ଯ୍ୟଟନ ବିଭାଗର ୧ଟି ଏହିପରି ୫ଟି ବିଭାଗର ୧୦ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି ।

# ମହଙ୍ଗା ହେବ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଦର ସ୍ପଷ୍ଟ କଲେ କେନ୍ଦ୍ର ସରକାର



ନୂଆଦିଲ୍ଲୀ: ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ଭାରତରେ ଲୋକମାନେ ମଧ୍ୟ ମୁଦ୍ରାସ୍ଫୀତିର ଶିକାର ହେଉଛନ୍ତି । ଗତ କିଛି ଦିନ ମଧ୍ୟରେ ପେଟ୍ରୋଲ, ଡିଜେଲ ଏବଂ ବାଣିଜ୍ୟିକ ଏବଂ ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି । ହେଲେ ତଥାପି ଏହି ମୁଦ୍ରାସ୍ଫୀତି ପ୍ରଭାବ ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ, ବରଂ ଭବିଷ୍ୟତରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ସମ୍ଭାବନା ମଧ୍ୟ ଦେଖାଦେଇଛି । ସରକାର ନିଶ୍ଚିତ କରିଛନ୍ତି ଯେ ଭବିଷ୍ୟତରେ ଘରୋଇ ଗ୍ୟାସ ମୂଲ୍ୟ ଆହୁରି ବୃଦ୍ଧି ପାଇବ । ସମ୍ପ୍ରତି କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ କହିଛନ୍ତି ଯେ, ଆଗାମୀ ସମୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ପାଇପାରେ । ସେ କହିଛନ୍ତି,‘ଗ୍ୟାସ ସିଲିଣ୍ଡର ମୂଲ୍ୟ ବୃଦ୍ଧି ଯୋଗୁଁ ଆମେ ମଧ୍ୟ ଦୁଃଖିତ କିନ୍ତୁ ଏହାକୁ ସମାଲୋଚନା କରିବା ପୂର୍ବରୁ, ଲୋକମାନେ ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ବୁଝିବା ଉଚିତ । ସମଗ୍ର ବିଶ୍ୱ ବର୍ତ୍ତମାନ ଅନେକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛି ।‘ ସେ ଆହୁରି ମଧ୍ୟ କହିଛନ୍ତି,‘ବିଶ୍ୱବ୍ୟାପୀ ସାମଗ୍ରୀର ପରିବହନ ଏବଂ ଯୋଗାଣ ପ୍ରଭାବିତ ହେଉଛି । ଏଲପିଜି ମଧ୍ୟ ବର୍ତ୍ତମାନ ବହୁତ ସୀମିତ ଉତ୍ସରୁ ଉପଲବ୍ଧ ହେଉଛି । ଫଳସ୍ୱରୂପ, ଯୋଗାଣ ଏବଂ ମୂଲ୍ୟ ଉପରେ ଚାପ ବୃଦ୍ଧି ପାଇଛି ।‘ ସେ ଆହୁରି କହିଛନ୍ତି, ‘ପରିବହନ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି । ଗ୍ୟାସର ମୂଳ ମୂଲ୍ୟ ମଧ୍ୟ ଅଧିକ । ଏହା ବ୍ୟତୀତ, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସାମଗ୍ରୀ ପରିବହନ କରିବାକୁ ୪୦ ରୁ ୫୦ ଦିନ ସମୟ ଲାଗେ, ଯାହା ବୀମା ଖର୍ଚ୍ଚ ବୃଦ୍ଧି କରିଛି । ସାଧାରଣ ଲୋକଙ୍କ କଷ୍ଟ ବିଷୟରେ ଆମେ ସମାନ ଭାବରେ ଚିନ୍ତିତ, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ, ବୃଦ୍ଧି ପାଉଥିବା ଗ୍ୟାସ ମୂଲ୍ୟ ଏକ ଆବଶ୍ୟକତା ହୋଇଗଲାଣି ।‘ଏହା ଉଲ୍ଲେଖନୀୟ ଯେ ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ସମ୍ପ୍ରତି ରବିବାର, ଜୁନ୍ ୭ ତାରିଖରେ ବୃଦ୍ଧି ପାଇଛି ।

# ମହବୁବନଗର-ସିକନ୍ଦରାବାଦ-ମେଡଚାଲ ସେକ୍ସନରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମ୍ ଉନ୍ନତିକରଣକୁ ଭାରତୀୟ ରେଳବାଇର ମଞ୍ଜୁରୀ



ନୂଆଦିଲ୍ଲୀ : ଭାରତୀୟ ରେଳବାଇ ଦକ୍ଷିଣ କେନ୍ଦ୍ରୀୟ ରେଳବାଇର ମହବୁବନଗର-ସିକନ୍ଦରାବାଦ-ମେଡଚାଲ ସେକ୍ସନରେ ରେଳ ଚଳାଚଳ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି । ଏହି ପ୍ରକଳ୍ପ ଅଧୀନରେ, ବିଦ୍ୟମାନ ୧୮୨୫ କେ. ଭି. ବୈଦ୍ୟୁତିକ ଟ୍ରାକ୍ସନ ପ୍ରଣାଳୀକୁ ଏକ ଆଧୁନିକ ୨୮୨୫ କେ.ଭି. ବୈଦ୍ୟୁତିକ ଟ୍ରାକ୍ସନ ପ୍ରଣାଳୀକୁ ଉନ୍ନୀତ କରାଯିବ । ପାଖାପାଖି ୧୪୧ କିଲୋମିଟର ଦୀର୍ଘ ରେଳପଥ ଉପରେ ୨୮୫.୧ କୋଟି ଟଙ୍କା ବ୍ୟୟରେ ଏହି କାର୍ଯ୍ୟ ହାତକୁ ନିଆଯିବ । ଏହି ପ୍ରକଳ୍ପ ସାରା ଦେଶରେ ବ୍ୟସ୍ତବହୁଳ ରେଳ କରିଡରରେ କ୍ଷମତା ବୃଦ୍ଧି ପାଇଁ ଭାରତୀୟ ରେଳବାଇର ଚାଲୁଥିବା ଉନ୍ନତିକରଣର ଏକ ଅଂଶ । ୨୮୨୫ କେ.ଭି. ବ୍ୟବସ୍ଥାର ପ୍ରଚଳନ ରେଳ ଚଳାଚଳ ପାଇଁ ଅଧିକ ସ୍ଥିର ଏବଂ ଦକ୍ଷ ବିଦ୍ୟୁତ୍ ଯୋଗାଣ ପ୍ରଦାନ କରିବ, ଯାହା ରେଳ ସେବାକୁ ସହଜ, ନିରାପଦ ଏବଂ ଅଧିକ ବିଶ୍ୱସନୀୟ କରିବ । ମହବୁବନଗର-ସିକନ୍ଦରାବାଦ-ମେଡଚାଲ ସେକ୍ସନ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ହାଇ-ଡେନସିଟି ନେଟୱାର୍କ (ଏଚଡିଏନ) ମାର୍ଗର ଅଂଶବିଶେଷ । ଏହା ଧର୍ମବରମ-ଧୋନେ-ମହବୁବନଗର-ସିକନ୍ଦରାବାଦ-ମେଡଚଲ-ମୁଦଖେଡ-ଇନ୍ଦୋର-ଆଜମେର ରେଳ କରିଡରରେ ପଡ଼େ, ଯାହା ଯଥେଷ୍ଟ ଯାତ୍ରୀ ଏବଂ ମାଲ ପରିବହନ କରିଥାଏ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଉକ୍ତ ମାର୍ଗରେ ଟ୍ରେନ୍ ପରିଚାଳନାରେ ଆହୁରି ଉନ୍ନତି ଆଣିବ । ମାଲ ପରିବହନ ଅଧିକ ଦକ୍ଷ ହେବ, ଯାହା ଦ୍ୱାରା ମାଲ ପରିବହନର ଗତି ଏବଂ କ୍ଷମତା ଉଭୟ ବୃଦ୍ଧି ପାଇବ । ଏହି ପ୍ରକଳ୍ପ ସମଗ୍ର ଅଂଚଳରେ ବାଣିଜ୍ୟ, ଶିଳ୍ପ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି ।

# ପିଜିଟି ଶିକ୍ଷକଙ୍କ ଦିଗ୍‌ଦର୍ଶନ କର୍ମଶାଳା, ପ୍ରଶିକ୍ଷଣ ନେବେ ୧୨୦ ଶିକ୍ଷକ





ଭୁବନେଶ୍ୱର : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେକ୍ ଠାରେ ପ୍ରାୟ ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଅବସରରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମଧୁସ୍ମିତା ସାହୁ, ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଛାତ୍ର ଓ ଶିକ୍ଷକ ମଧ୍ୟରେ ରହୁଥିବା ବ୍ୟବଧାନକୁ ଚିହ୍ନଟ କରି ଏହାର ସମାଧାନ କରିବାକୁ ଶ୍ରୀମତୀ ସାହୁ ପରାମର୍ଶ ଦେଇଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସର୍ବଦା ଜ୍ଞାନ ଆହରଣ ପ୍ରକ୍ରିୟା ଜାରି ରଖିବାକୁ ଉପଦେଶ ଦେଇଛନ୍ତି । ଶିକ୍ଷା ଦେବା ନିମନ୍ତେ ନିଜେ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି ।

# ଲିଙ୍କ୍ ଟ୍ରେନ୍ ବିଳମ୍ବ ହେତୁ ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ ବାତିଲ୍



ଭୁବନେଶ୍ୱର : ଲିଙ୍କ୍ ଟ୍ରେନ୍ ବିଳମ୍ବ ହେତୁ, ଟ୍ରେନ୍ ନମ୍ବର ୧୨୨୭୮ ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ ୯ ଜୁଲାଇରେ ବାତିଲ ରହିବ । ସେହିପରି, ଟ୍ରେନ୍ ନମ୍ବର ୧୨୨୭୭ ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ ମଧ୍ୟ ୯ ଜୁଲାଇରେ ବାତିଲ ରହିବ । ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନ ଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଅପଡେଟ୍ ହୋଇଥିବା ଟ୍ରେନ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜାତୀୟ ଟ୍ରେନ୍ ତଦନ୍ତ ପ୍ରଣାଳୀ ପରିଦର୍ଶନ କରିପାରିବେ କିମ୍ବା ସରକାରୀ ରେଳ ତଦନ୍ତ ସେବା ବ୍ୟବହାର କରିପାରିବେ ।

# ବୈଭବଙ୍କୁ ନେଇ ଧୈର୍ଯ୍ୟ ରଖିବାକୁ ପରାମର୍ଶ ଦେଲେ କପିଳ ଦେବ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି ପୂର୍ବତନ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ । ବୈଭବଙ୍କୁ ନେଇ ଧୈର୍ଯ୍ୟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ୧୫ ବର୍ଷୀୟ ବାଳକ ଏକ ସ୍ୱତନ୍ତ୍ର ପ୍ରତିଭା, କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପ୍ରବେଶ କରିବା ପାଇଁ ସମୟ ଓ ପରିସ୍ଥିତି ସହ ଖାପ ଖୁଆଇବା ଆବଶ୍ୟକ । ସେ ଯେପରି ନିଜର ପ୍ରତିଭାର ପ୍ରଦର୍ଶନ କରିଛନ୍ତି, ତାହା ଅବିଶ୍ୱସନୀୟ । କିନ୍ତୁ ଜାତୀୟ ଦଳ ପାଇଁ ତାଙ୍କୁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ, ଫିଟ୍ ରଖିବାକୁ ପଡ଼ିବ ଓ ଆହୁରି ଅନେକ କିଛି କରିବାକୁ ପଡ଼ିବ । ସେ ଖୁବ୍‌ଶୀଘ୍ର ଏକ କ୍ଲବ୍ ଓ ଜାତୀୟ ଦଳ ପାଇଁ ଖେଳିବା ମଧ୍ୟରେ ଥିବା ଫରକକୁ ବୁଝିପାରିବେ । ଏହି ପ୍ରତିଭାକୁ ସମ୍ମାନ ଜଣାଇବା ଭଲ କଥା, କିନ୍ତୁ ଏହି ସ୍ତରରେ ତାଙ୍କଠାରୁ ଅଧିକ ଆଶା କରିବା ଠିକ୍ ହେବ ନାହିଁ । ସେ ନୂଆକରି ଜାତୀୟ ଦଳରେ ସାମିଲ ହୋଇଛନ୍ତି, ସେ ବୁଝିପାରିବେ ଯେ କ୍ଲବ୍ କ୍ରିକେଟ୍‌ଠାରୁ ଅନ୍ତର୍ଜାତୀୟ କ୍ରିକେଟ୍ ଅଲଗା । ଏହି ପରିବର୍ତ୍ତନ ସହ ଖାପ ଖୁଆଇବାକୁ ତାଙ୍କୁ ସମୟ ଦେବା ଆବଶ୍ୟକ । ଅନ୍ୟପକ୍ଷରେ ପୂର୍ବତନ କ୍ରିକେଟର ମଦନ ଲାଲ୍ ବୈଭବଙ୍କୁ ଜାତୀୟ ଦଳରେ ସାମିଲ କରିବାକୁ ସମର୍ଥନ କରିଛନ୍ତି ଓ ଆଶା କରିଛନ୍ତି ଯେ ସେ ଆଇପିଏଲ୍ ସଫଳତାକୁ ଜାରି ରଖିବେ ।

# ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମୁକାବିଲାରେ ଭାରତର ଐତିହାସିକ ବିଜୟ



ନୂଆଦିଲ୍ଲୀ: ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମୁକାବିଲାରେ ଭାରତ ହାସଲ କରିଛି ଐତିହାସିକ ବିଜୟ । ୩୦୦ ରନରେ ପରାସ୍ତ କରି ଭାରତ ରଚିଛି ଇତିହାସ । କେବଳ ବିଜୟ ନୁହେଁ ଏହି ମୁକାବିଲା ଜିତିବା ପରେ ଭାରତ ହାସଲ କରିଛି ଅନେକ ରେକର୍ଡ । ଏହି ମ୍ୟାଚ ଜିତିବା ପରେ ଭାରତ ନିଜର ବଡ଼ ବିଜୟ ହାସଲ କରିଛି । ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୨୭୨ ରନର ବଡ଼ ବିଜୟ ହାସଲ କରିଥିଲା । ମାତ୍ର ୩୦୦ ରନରେ ସର୍ବବୃହତ ବିଜୟ ହାସଲ କରି ରେକର୍ଡ କରିଛି । ଭାରତ ପାଇଁ ଟେଷ୍ଟରେ ଡେବ୍ୟୁ କରିଛନ୍ତି ମାନବ ସୂତାର । ଆଫଗାନିସ୍ତାନ ବିପକ୍ଷରେ ସେ ଡେବ୍ୟୁ କରି ରେକର୍ଡ ସ୍ଥାପନ କରିଛନ୍ତି । ଡେବ୍ୟୁ ମ୍ୟାଚରେ ସର୍ବାଧିକ ୱିକେଟ ନେବାର ରେକର୍ଡ କରିଛନ୍ତି । ୩୫ ବର୍ଷ ମଧ୍ୟରେ କେବଳ ୨ ଜଣ ବୋଲିର ୬ ୱିକେଟ ନେଇଛନ୍ତି । ପୂର୍ବରୁ ଅଶ୍ୱନୀ ଡେବ୍ୟୁ ମ୍ୟାଚରେ ୬ ୱିକେଟ ନେଇଥିଲେ । ଆଉ ଏବେ ମାନବ ସୂତାର ଏହି ରେକର୍ଡକୁ ନିଜ ନାମରେ କରିଛନ୍ତି । ସେପଟେ ଡେବ୍ୟୁ ମ୍ୟାଚରେ ୫ ୱିକେଟରୁ ଅଧିକ ୱିକେଟ ନେବାରେ ଦଶମ ବୋଲର ହୋଇଛନ୍ତି । ସେପଟେ ବ୍ୟାଟିଂରେ ରେକର୍ଡ କରିଛନ୍ତି ଶୁଭମନ ଗିଲ୍ । ସେ ଅଧିନାୟକ ଭାବେ ହଜାରେ ରନ କରିଛନ୍ତି । ଯେଉଁଥିରେ ୬ଟି ଶତକ ରହିଛି । ୯ଟି ମ୍ୟାଚର ୧୫ଟି ପାଳିରେ ସେ ଏହି ସ୍କୋରର ମାଇଲଖୁଂଟ ପାର୍ କରିଛନ୍ତି । କମ ପାଳିରେ ସେ ଏହାକୁ ପୂରଣ କରିବା ଭାରତୀୟ ଅଧିନାୟକଙ୍କ ମଧ୍ୟରେ ଆଗରେ ରହିଛନ୍ତି । ସେପଟେ ଏହି କ୍ଷେତ୍ରରେ ଆଗରେ ରହିଛନ୍ତି ବ୍ରାଡମ୍ୟାନ । କେଏଲ ରାହୁଲ ତାଙ୍କର ଦ୍ୱାଦଶ ଟେଷ୍ଟ ଶତକ ହାସଲ କରିଛନ୍ତି । ତାଙ୍କର ପ୍ରଥମ ଟେଷ୍ଟ ଶତକ ଆଫଗାନିସ୍ତାନ ବିପକ୍ଷରେ ଆସିଥିଲା । ଏହା ବ୍ୟତୀତ, ତାଙ୍କର ଶେଷ ତିନୋଟି ଶତକ ମଧ୍ୟରେ, ରାହୁଲ ୧୦୦ ରନରେ ଆଉଟ ହୋଇଛନ୍ତି, ଯାହା ତାଙ୍କୁ ଏହି ଅନନ୍ୟ ସଫଳତା ହାସଲ କରିବାରେ ପ୍ରଥମ ଭାରତୀୟ କରିଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**